188. C. 354.
A
SHELF LISTED
RARE BOOK

THE

# GITA GOVINDA,

OR

## SONGS OF JAYA DEVA;

TRANSLATED FROM THE SUNSCRUT

*BY DHARANI DHAR.*

ଶ୍ରୀଜୟଦେବ [illegible] ରଚିତ

ଶ୍ରୀଗୀତ ଗୋବିନ୍ଦ ।

ଧରଣୀଧର କର୍ତ୍ତୃକ ଉତ୍କଳ ଭାଷା ରଚିତ ଗୀତ ଛନ୍ଦ ।

*CUTTACK:*

*Printed at the Mission Press,*

1840.

A
*NATIONAL LIBRARY*
*Rare Book Section*

College of Fort William


کتاب کالج فورٹ ولیم
किताब कालिज फोर्ट विलियम
পুস্তক কালেজ ফোর্ট উলিয়ম

ERIAL LIB

ଶ୍ରୀ ଗୀତ ଗୋବିନ୍ଦ ଧରଣୀଧର ରଚିତଂ ।

ରାଗ କେଦାର । ଚକ୍ରକେଳି ବାଣୀରେ ।

ମାୟା ରଚିଲେ ଦେବ ମାୟାଧର । ମେଘ ଆସି ଆଚ୍ଛାଦିଲା ଅମ୍ବର ।୧।
ନିବିଡ ନୀଳ ମେଘ ପ୍ରକାଶିଲା । ବିପିନ ଗିରି ଶ୍ୟାମଳ ଦିଶିଲା ।୨।
ନୀଳ ତମାଳ ତରୁ ଘନ ଲତା । ଦେଖିଣ ନନ୍ଦ ପାଇଲେକ ଚିନ୍ତା ।୩।
ରାଧାଙ୍କୁ ବୋଲନ୍ତି ବିରଜ ପତି । ଗୋଡାଇ ଆଇଲାଣି ଏ ଶ୍ରୀପତି ।୪।
ନିଶାରେ ଗୋ ଗୋଷ୍ଠେ କରିବ ଭୟେ । ଗୃହେ ପ୍ରବେଶ କରାଅ ତନୟେ ।୫।
ଏମନ୍ତେ ନନ୍ଦର ଆଦେଶ ଘେନି । ଚଳି ଗଲେ ରାଧା ମାଧବ ବେନି ।୬।
ଯମୁନା କୂଳେ ଘନ ତରୁ ବର । ଲତା ନିକୁଞ୍ଜ ଗୃହର ଆକାର ।୭।
ନିର୍ଜନ ପ୍ରସର ଭୂମିରେ ମିଳି । ଲତାୟେ ଲତାୟେ କରନ୍ତି କେଳି ।୮।
ବିବିଧ ବଟେକ ରସକ୍ରୀଡା ଯେତେ । ତାହା ନଓପି କହିବଇଂ କେତେ ।୯।
ଏକ ଆରକେ ଚିତ୍ତ ବନ୍ଦି ହୋଇ । ମିଳିଲେ ନିଜ ସଦନରେ ଯାଇ ।୧୦।
ସୁଜନେ ଶୁଣ ହୋଇ ଏକ ଚିତ୍ତ । କୃଷ୍ଣର ରସକ୍ରୀଡା ଏହି ଗୀତ ।୧୧।
ପ୍ରଥମଛନ୍ଦ ପରିବନ୍ଧ ଏହି । ଶୁଣନ୍ତେ ଦୁରିତ ଏଥି ଦହଇ ।୧୨।
ଗୋବିନ୍ଦ ପାଦ ସରୋଜ ଯୁଗଳ । ନବ ବିକଚ କମଳର ଦଳ ।୧୩।
ଧରଣୀଧର ଶିରରେ ମଣ୍ଡନ । ଭବ ତମିର ଘୋରର ଖଣ୍ଡନ ।୧୪।

ଦ୍ୱିତୀୟ ଛନ୍ଦ ।

ରାଗ ମାଳବ ।

ଜୟ ଜୟ ଜଗନ୍ନାଥ ଦେବ ମଧୁହାରି ।
ତୁମ୍ଭର ମହିମା କେହୁ କହିବ ବିସ୍ତାରି ।୧।
ଚତୁର୍ମୁଖ ଏୟନେଏ ସହସ୍ର ଲୋଚନ ।
କହନ୍ତେ କେତେହେଂ କାଳେ ନ ଯିବ ଲେଖନ ।୨।

ମାନବ ମାନଙ୍କ ଅବା କହିବ ମୁକତେ ।
ସାଧୁପ୍ରାଣୀ ଗୁରୁ ଥାନ୍ତି ଯାହା ଭକ୍ତି ଯେତେ । ୩ ।
ପ୍ରଳୟ ପୟୋଧି ଜଳେ ମୀନରୂପ ଧରି ।
ଶଙ୍ଖ ନାମେ ଦନୁଜକୁ ହେଲେଣ ସଂହାରି । ୪ ।
ବେଦ ଉଦ୍ଧରଣ ଆଣି ବିଧାତାକୁ ଦେଲ ।
ଜଗତ ହିତ ନିମନ୍ତେ ଛଡାଇ ଯେବଲ । ୫ ।
କମଠ ମୂରତି ସ୍ଥିତ ବିସ୍ତୀର୍ଣ୍ଣ ଗରିଷ୍ଠ ।
ଧଇଲ ଚକ୍ର ଆକାରେ କଠିଣ ସେ ପୃଷ୍ଠ । ୬ ।
ଶୂକର ସ୍ୱରୂପେ ମହୀ ଦନ୍ତ ଶିଖେ ଧରି ।
ଚନ୍ଦ୍ରେଣ କଳଙ୍କ କି ଦଶନେ ବସୁନ୍ଧରା । ୭ ।
ମହାକାୟ ବିସ୍ତାରିଲ ଅଦ୍ଭୁତ ଭଙ୍ଗ ।
ଦନୁଜର କଳେବର ବିଦାରଣୀ ସିଂହ । ୮ ।
ହିରଣ୍ୟ କଶିପୁ ନହେ ବିଦାରିଲ ଆଣି ।
କର କମଳରେ ତାର ତନୁ ଭୃଙ୍ଗ ଜାଣି । ୯ ।
ଛଳିଲ ବଳିଙ୍କୁ ରୂପ ଧଇଲ ବାମନ ।
ବିକ୍ରମି ଚରଣ ଗଲା ଅଶେଷ ଭୁବନ । ୧୦ ।
ଅନେକ କାଳର ଗଙ୍ଗା କମଣ୍ଡଳେ ସଞ୍ଚି ।
ଢାଳିଲା ଚରଣେ ତବ ହରଷେ ବିରଞ୍ଚି । ୧୧ ।
ପାଦକୁ ନଅଣ୍ଟି ମନ୍ଦାକିନୀ ବହି ଯାଇ ।
ତୁଷାର କଣିକା ପ୍ରାୟେ ନଖ କୋଣେ ରହି । ୧୨ ।
ତହୁଂ ସେ ହୋଇତ ସୁର ନଦୀ ତ୍ରିପୁରେ ।
ଅପବିତ୍ର ଜନଙ୍କ କଲୁଷ ଅପହରେ । ୧୩ ।
ପ୍ରଶୁଧର ରୂପ ନାଥ ଅତୀବ ବିକ୍ରମ ।
ଅବନୀ ପ୍ରତିକୂଳକୁ ପ୍ରତକ୍ଷେ କି ଯମ । ୧୪ ।
ନିଶୋଧନ କଲ ମହୀ ଏକ ବିଂଶ ବାର ।
ସ୍ନାନ ତର୍ପଣାଦି କଲ ରୁଧିର ଜଳର । ୧୫ ।
ଜଗତ ଜନମାନଙ୍କ ଯେତେ ଘୋର ପାପ ।
ସେ ଜଳ ଅବଗାହନେ ଖଣ୍ଡେ ଭବତାପ । ୧୬ ।
ଦଶ ରଥ ଘରେ ରାମଚନ୍ଦ୍ର ଅବତାର ।
ବାନ୍ଧିଲ ସାଗରେ ସେତୁ ଯୋଜନ କନ୍ଦର । ୧୭ ।

ରଣେ ଦଶକଣ୍ଠ ଛେଦି ରାବଣ ବିନାଶି ।
ବଳି ଦେଇ ଦିଗପାଳ ମାନନ୍ତ ସନ୍ତୋଷି । ୧୮ ।
ବଳଭଦ୍ର ରୂପ ଅକଳଙ୍କ ଚନ୍ଦ୍ରକାନ୍ତି ।
କଟି ନୀଳ ବସନେ ଯମୁନା ଜଳ ଭ୍ରାନ୍ତି । ୧୯ ।
ନୀପ ରସ ପାନେ ରଙ୍ଗ ଅଲସ ଲୋଚନ ।
ଡାକନ୍ତି ଯମୁନା ଜଳ ହୁଅ ସାବଧାନ । ୨୦ ।
ଏତେ ବୋଲି ହଳଧର ତରଙ୍ଗିଣୀ ଭେଦ ।
ଭୟେଣ ତୁରତେ ଆସି ମିଳିଲା କାଳିନ୍ଦୀ । ୨୧ ।
ସଦୟ ହୃଦୟ ବୁଦ୍ଧ ଶରୀର ବହିଲ ।
ପଶୁ ଘାତ ଅର୍ଥେ ଯଜ୍ଞ ବିଧିକି ଦୂଷିଲ । ୨୨ ।
କଳ୍କି ରୂପେ କରେ ଧରି ମହା ଅସି ପତ୍ର ।
ଜ୍ୱଳନ ବଦନ ଅତି ଭୟଙ୍କର ଗାତ୍ର । ୨୩ ।
ମ୍ଲେଚ୍ଛ ପାପି ଦୁରାଚାର ସମୂହ ସଂହାରି ।
ଉଦ୍ଧାସିଲ କ୍ଷିତି ଭାର ଲୀଳା ମାତ୍ର କରି । ୨୪ ।
ଏମନ୍ତେଣ ଦଶବିଧି ଅବତାର ହୋଇ ।
ସଂସାର ପ୍ରତିପାଳଣେ ଧର୍ମ ରକ୍ଷା ପାଇଁ । ୨୫ ।
କମଳା କୁଚ ମଣ୍ଡଳ ଆଶ୍ରୟ ଯାହାର ।
ମନୋହର ବନମାଳା ଶୋଭିତ ହୃଦର । ୨୬ ।
ଭବ ତିମିର ନାଶନେ ଆଦିତ୍ୟ ପ୍ରକାଶ ।
ମୁନି ଜନ ମନ ମୀନ ସରୋବର ହଂସ । ୨୭ ।
କାଳିୟ ଭୁଜଙ୍ଗ ଦଳି ଜନ ମନ ରଞ୍ଜେ ।
ଯଦୁ କୁଳ କମଳ ତପନ ତେଜ ଗଞ୍ଜେ । ୨୮ ।
ନରକ ଦନୁଜ ମଧୁ ମୁର ଦର୍ପ ଗଞ୍ଜେ ।
ଦେବଙ୍କୁ ହରଷ ଦେଇ ଗରୁଡରେ ବିଜେ । ୨୯ ।
ଅମଳ ସରୋଜ ନେତ୍ର ଭବ ଭୟ ନାଶି ।
ତ୍ରିଭୁବନ ସ୍ଥାନ ଯାର ପୂର୍ଣ୍ଣ ବ୍ରହ୍ମ ରାଶି । ୩୦ ।
ଜନକ ଦୁହିତା ହୃଦେ କଲସି ମଣ୍ଡନ ।
ଜିଣିଲ ସମରେ ଦଶ କଣ୍ଠ ଯେ ଦୂଷଣ । ୩୧ ।
ନବଘନ ଶ୍ୟାମ ତନୁ ଗିରି ଧାତ୍ରୀ ପାଣି ।
ରମା ବଦନ ବିଧୁକୁ ଚକୋର କି ଜାଣି । ୩୨ ।

ପଦ୍ମା ପଯ୍ୟୋ ଧରଛନ୍ତି ଆଲିଙ୍ଗନ କର ।
ହୃଦୟ କୁଙ୍କୁମାଙ୍କିତ ପ୍ରମୋଦ ମୁରାର । ୩୩ ।
ମନୁ ଅନୁରାଗ ଜୟେ ହୋଇଛୁ ବାହାର ।
କାମ ଖେଦେ କଲେବରେ ପୂରେ ସ୍ୱେଦ ନୀର । ୩୪ ।
ଲାବନ୍ୟ ବଦନ କୋଟିଯେ ଗିଞ୍ଜିମନ୍ମଥ ।
ସଦା ପୂର୍ଣ୍ଣ କରନ୍ତୁ ସେ ତୁମ୍ଭ ମନୋରଥ । ୩୫ ।
ସେ କୃଷ୍ଣ ଚରଣେ ମନ ଦିଅ ସାଧୁ ଜନ ।
ହରିରସ ବିନୁ ଏହୁ ଦିବସ ଦୁର୍ଦ୍ଦିନ । ୩୬ ।
କୃଷ୍ଣ କ୍ରୀଡା ରସ ଏହୁ ଅତୀବ ସୁରସ ।
ଦ୍ୱିତୀୟ ଛନ୍ଦର ବାଣୀ ହୋଇଯେ ପରକାଶ । ୩୭ ।
କହଇ ଧରଣି ଧର ଶ୍ରୀକୃଷ୍ଣର ଦାସ ।
କରସି କରୁଣା ନାଥ ଛେଦ ଭବ ପାଶ । ୩୮ ।

ତୃତୀୟ ଛନ୍ଦଃ । ୩ ।

ରାଗକଲସା । ସଙ୍ଗମଢିଆରବାଣୀରେ ।

ଶୁଣ ହେ ସୁଜନେ ଏଥୁଂ ରସ ବଚନ ।
ମିଳିଲେ ଋତୁ ରାଜନ ବସନ୍ତ ଦିନ । ୧ ।
କାନ୍ତ ବିଚ୍ଛେଦେ ଯୁବତି ଜ୍ୱର ସମାନ ।
ଧୈର୍ଯ୍ୟ ବନକୁ କି ଏହୁ ଦାବା ଦହନ । ୨ ।
ଏସନ ସମୟେ ତହିଂ ରାଧାସୁନ୍ଦରୀ ।
କୃଷ୍ଣର ବିରହେ ତନୁ ମଦନେ ଘାରି । ୩ ।
ତେଜିଣ ସଦନ ଭ୍ରମେ ଘୋର ବିପିନେ ।
ମାଧବଙ୍କୁ ଅନୁସରି ଲୋଡଇ ବନେ । ୪ ।
ଅତି ସୁକୁମାର କର ଚରଣ ତାର ।
ମାଧବିକୁସୁମ ଦଳ ତନୁ କୋମଳ । ୫ ।
ମନସିଜ ଜ୍ୱର ଚିନ୍ତା ଆକୁଳ ଭରେ ।
ନ ଜାଣଇ ଶ୍ରମ ପୀଡା ଚିତ୍ତ ବିକାରେ । ୬ ।

ରାଧାର ଏସନ ଦୁଃଖ ଦେଖିଣ ଦୂତୀ ।
କହଇ ଅଗ୍ରତେ ମିଳି ବଚନ ପ୍ରୀତ । ୭ ।
ଦେଖ ସଖି ଲାବଣ୍ୟ ଏଲବଙ୍ଗଲତା ।
ନବୀନ ପଲ୍ଲବ ଦଳ କୋମଳରତା । ୮ ।
ଶୀତଳ ବହଇ ମନ୍ଦ ମଳୟାନିଳ ।
ମଧୁକର ମୁଖ ରାବ ଶୁଭେ ଚହଲ । ୯ ।
କୋକିଳ ମୃଦୁ ମଧୁର ସ୍ୱର ବାଣୀ ।
ପୂରିତ କୁଞ୍ଜ ସଦନେ ମୋହନ ଜାଣି । ୧୦ ।
ବିରହି ଜନଙ୍କୁ କି କରିବ ଏମନ୍ତ ।
କାନ୍ତର ବିରହେ ଦିନେ୨ ଦୁଃଖିତ । ୧୧ ।
ଏସନ ସମୟେ ଯାହା ସନ୍ନିଧେ ପତି ।
ହରଷେ ବଞ୍ଚଇ ଦିନ ଉତ୍ସୁକ ମତି । ୧୨ ।
ଦେଖ ସଖି ଅଳି ଯୂଥ କୁସୁମ କୂଳେ ।
ମଧୁ ଆଶେ ବସିଛନ୍ତି ଚୂତ ବକୁଳେ । ୧୩ ।
ମଦନେ ଉନ୍ମାଦ ଅତି ପଥିକ ପ୍ରିୟା ।
ବିଳାପ କରନ୍ତି ଯହୁଁ ନଇଲେ ନାହା । ୧୪ ।
ଦେଖ ସଖି ନବ ଦଳ ତମାଳ ବନ ।
କସ୍ତୁରି ଲେପନ ପ୍ରାୟେ ଅତି ଶୋଭନ । ୧୫ ।
ଯୁବାଜନ ହୃଦୟ ବିଦାରିବା ପାଁଇ ।
ଫୁଟିଛି କିଂଶୁକ କାମ ନଖ କି ଏହି । ୧୬ ।
ନାଗେଶ୍ୱର କୁସୁମର ବିକଚ ଶୋଭା ।
ମଦନ ରାୟେ କନକ ଦଣ୍ଡର ପ୍ରଭା । ୧୭ ।
ପାଟଳି କୁସୁମେ ବସେ ମଧୁପ ଶ୍ରେଣି ।
ମକର ଧ୍ୱଜର ଶର ଭାରତୀ ଜାଣି । ୧୮ ।
ଦେଖ ସଖି ବିକଶିତ କରୁଣା ପୁଷ୍ପ ।
ଜଗତ ଜନଙ୍କୁ କି ଏ କରୁଛି ହାସ୍ୟ । ୧୯ ।
ଏମଧୁ ସମୟେ ଯୁବା ଜନ ଯୁବତି ।
ଯହୁଂ ସେ ଛାଡିଲେ ଲାଜ ଚଞ୍ଚଳ ମତି । ୨୦ ।
ବିରହି ଜନ ହୃଦୟେ ବାଧଇ କି ସେ ।
କାମ କୁନ୍ତ ଘାତ କି କେତକ ବିକାଶେ । ୨୧ ।

ପରିମଳ ଲଳିତ ମାଧବି ପ୍ରକାଶ ।
ନବୀନ ମାଳତୀ ଯାତି ସୁଗନ୍ଧ ବାସ । ୧୨ ।
ମୁନି ଜନ ମନ କି ଏ ମୋହ କରଇ ।
ପାଦପ କୁଳକୁ ଅତି ଘିରଛି ଏହି । ୧୩ ।
ପ୍ରଣୟରେ ଲତା ଘନ ତରୁକୁ ବେଢ଼ି ।
ଆଲିଙ୍ଗନ କରେ କି ଏ ନବୀତେ ଜତ । ୧୪ ।
ଜାଗି ପରିରମ୍ଭଣେ ବଲ୍ଲଭ ଯେମନ୍ତ ।
ମୁକୁଳିତ ବକୁଳିତ ପଲ୍ଲବେ ଋତୁ । ୧୫ ।
ଅତି ରମ୍ୟ ବୃନ୍ଦାବନ କାନନ ଏହି ।
ପବିତ୍ର ଯମୁନା ଜଳ ଯାଉଛି ବହି । ୧୬ ।
ଦେଖ ସଖି ମଲ୍ଲିକା କୁସୁମ ଫୁଟିଲା ।
ଉତ୍ଫୁଲ୍ଲି ପରାଗ ଲତା ଫୁଟି ପଡ଼ିଲା । ୧୭ ।
ପ୍ରକଟିତ ସୁବାସିତ ରମ୍ୟ କାନନ ।
ବିରହି ଜନଙ୍କ ଚିତ୍ତ କରେ ଦହନ । ୧୮ ।
କେତକୀ ସୁଗନ୍ଧ ଘେନ ମଧୁପବନ ।
ପ୍ରସରିଲା କାମ ସର ଦହିବ ପ୍ରାଣ । ୧୯ ।
ଉଜାଗର ମଧୁ ଗନ୍ଧେ ଲୋଭେ ଭ୍ରମର ।
ମତ୍ତଭରେ ଧ୍ୱନି କରେ ଚୂତ ଶିଖର । ୨୦ ।
କ୍ରୀଡନ୍ତି କୋକିଳେ କୋଳାହଳ ଶବଦ ।
ଶୁଣନ୍ତେ ବିରହି କର୍ଣ୍ଣେ ଜ୍ୱର ବିସାଦ । ୨୧ ।
ପଥିକ ବିଦେଶି ଜନ ଅତି ବିଚ୍ଛିନ୍ନ ।
ନିଜ ବାମା ପ୍ରିୟୃବତୀ ସୁମରି ମନ । ୨୨ ।
ଗତ କେଳି ରସ ମନେ କରଣ ଧ୍ୟାନ ।
ଅତି ଦୁଃଖେ ଦୁଃଖୀ ନେଲେ ରଜନୀ ଦିନ । ୨୩ ।
ଅବଧି ସୁମରି କାନ୍ତା ଆକୁଳ ମତି ।
ପ୍ରବେଶ ହୋଇଲେ ପ୍ରାଣ ସମାନ ପତି । ୨୪ ।
ଅତୀବୃ ହରଷ ବାମା ଉଲ୍ଲାସ ଚିତ୍ତ ।
ନାନାରସେ ଦିନ ନେଲେ କାମିନୀ କାନ୍ତ । ୨୫ ।
ଏସନ ସମୟେ ସଖି ଦେବ ମୁରାରି ।
ଅନେକ ଯୁବତି ଆଲିଙ୍ଗନ ସେ କରି । ୨୬ ।

ମନୋହାର ବୃନ୍ଦ କୃଷ୍ଣ କେଳି ଲାଲଶେ ।
ଉତ୍ସୁକ ହୋଇ ଅଛନ୍ତି ଅତି ହରଷେ । ୩୭ ।
ଯେସନେକେ କ୍ରୀଡା କରୁଛନ୍ତି ମାଧବ ।
ଦେଖାଇଲା ସହଚରୀ ତେସନ ଭାବ । ୩୮ ।
ପୁଣୀ କହେ ବାମା ସଖି ଅଗ୍ରତ ।
ଶୁଣ ତୁ ସଜନ ଏକ କରଣ ଚିତ୍ତ । ୩୯ ।
ନୀଳ କଳେବରେ ଶୋହେ ହରି ଚନ୍ଦନ ।
କଟୀ ତଟେ ପୀତ ପଟ ପରିଧାପନ । ୪୦ ।
ମଣ୍ଡିତ ଗଣ୍ଡ ଯୁଗଳେ ମଣି କୁଣ୍ଡଳ ।
ଲିଲାସ୍ୟେ ଚଳନ୍ତେ ଶୋହେ ମୁଖ ମଣ୍ଡଳ । ୪୧ ।
ବିଳାସିନୀ ନାନାରସେ କରନ୍ତି କେଳି ।
ବାଦଇ ବେନୁ ସୁସ୍ୱର ଶ୍ରୀବନମାଳୀ । ୪୨ ।
କେବଣ କାମିନୀ କୁଚ ଭରେଣ ଭାର ।
ଆଲିଙ୍ଗନ କରିବାକୁ ସରାଗ କରି । ୪୩ ।
କେବଣ ଗୋପିନୀ ଗାବେ ପଞ୍ଚମ ସ୍ୱରେ ।
କରୁଛି ଶ୍ରୀକୃଷ୍ଣେ ଚିତ୍ତ ସ୍ତୁତି ପଥରେ । ୪୪ ।
କେବଣହିଂ ବିଳାସିନୀ ଲୋଳ ଲୋଚନ ।
ବାଙ୍କେଣ ଚାହାଁନ୍ତେ କସ୍ୟେ ଉଦେ ମଦନ । ୪୫ ।
କୃଷ୍ଣ ମୁଖ ସରୋଜ ଧ୍ୟାଇଛି ତରୁଣୀ ।
ହରଷ ଲାବନ୍ୟ କୋଟି କନ୍ଦର୍ପ ଜାଣି । ୪୬ ।
କେବଣ କାମିନୀ କୃଷ୍ଣ କପୋଳ ତଳେ ।
କର ଦେଇଂ କହି ଲୋଡେ ଶ୍ରବଣ ମୂଳେ । ୪୭ ।
ଦେଖି ଚାରୁଗଣ୍ଡ ସ୍ଥଳ ପୁଲକ ହୋଇଂ ।
ଚୁମ୍ବନ ଦେଲାକ କିଛି ନପାରେ କହିଂ । ୪୮ ।
ରମଣୀ ଚୁମ୍ବନ୍ତେ କୃଷ୍ଣ ଚଞ୍ଚଳ ମନୁ ।
ପୁଲକ ହୋଇଲା ରୋମ ସକଳ ତନୁ । ୪୯ ।
କେଳି ରସ ଯମୁନା କୂଳର ବିପିନ ।
କେହୁ ବାମା ଓଟାରେ କୃଷ୍ଣର ବସନ । ୫୦ ।
ନିକୁଞ୍ଜ ଗହନ ବନ ଭିତରେ ଯିବା ।
ବିବିଧ ପ୍ରକାରେ ନାନା କ୍ରୀଡା କରିବା । ୫୧

ମଣ୍ଡଳୀ ସକଳ ବାମା ମଧ୍ୟେ ମୁରାରି ।
ରାସକ୍ରୀଡା ରସେ ନୃତ୍ୟ କରନ୍ତି ହରି । ୫୧ ।
କରତାଳ ଶବଦେଣ କଙ୍କଣ ଧ୍ୱନି ।
ମଞ୍ଜୁ ବେନୁ ସ୍ୱନେ ତାନ ଏକଇ ଜାଣି । ୫୩ ।
ପ୍ରଶଂସନ୍ତି ଯୁବତି କୃଷ୍ଣଙ୍କୁ ଅନାଇ ।
ବିବିଧ ବିକାରେ ନାନା ବଚନ କହି । ୫୪ ।
କେବଣ ନାରିକି କୃଷ୍ଣ ଅପାଙ୍ଗେ ଚାହିଁ ।
କାହାକୁ କିବାତେ ଆଲିଙ୍ଗନ କରଇ । ୫୫ ।
କାହାର ସରୋଜ ମୁଖେ ଦେଇ ଚୁମ୍ବନ ।
କେଉଂ ଯୁବତିଙ୍କ କହେ ହାସ୍ୟ ବଚନ । ୫୬ ।
କେଉଂ କାମିନୀ କି କୃଷ୍ଣ ରମଣ କରି ।
ସକଳ ରମଣୀ ସମ ଲୀଳାମ୍ବେ ହରି । ୫୭ ।
ବାମା ମନ କମଳେ ଆଦିତ୍ୟ ପ୍ରକାଶ ।
ଶ୍ୟାମଳ କୋମଳ ତନୁ ମଦନ ବେଶ । ୫୮ ।
ସ୍ୱଚ୍ଛନ୍ଦ କନ୍ଦରେ ଘେନି ଯୁବତି ଯୁଥ ।
ପୁଣ ୨ ଆଲିଙ୍ଗନେ ମଦନେ ମତ୍ତ । ୫୯ ।
ମୂର୍ତ୍ତିମନ୍ତ ହୋଇ ଅଛୁ ଶୃଙ୍ଗାର କଳା ।
ମଧୁମାସେ କାମୋତ୍ସବ କୃଷ୍ଣର ଲୀଳା । ୬୦ ।
ଦେଖ ସଖି ଚନ୍ଦନ କନ୍ଦରେଣ ଅହି ।
ବାସ କରି ତରୁକୋଟେ ଅଛଇ ରହି । ୬୧ ।
ପବନ ଆହାର ସେହୁ କରେ କରତ ।
ବିଷଜ୍ୱାଳା ପୀଡା ଅତି ପାଇ ମରତ । ୬୨ ।
ଦକ୍ଷିଣ ଦିଗରୁ ବହେ ହେମ କିଚଳ ।
ମକ୍ଷିକ ହେମରେ ଛୁଡାଇବ ଗରଳ । ୬୩ ।
ଏମନ୍ତେ ଗମନ୍ତେ ଧୀରେ ମଳୟାନିଳ ।
ଅଙ୍କୁର ହୋଇଲେ ଅଗ୍ରେ ଚୂତ ବକୁଳ । ୬୪ ।
ଦେଖିଣ ହରଷ ଅତି କୋକିଳ କୁଳ ।
କୁହୁ କୁହୁ ଶବଦେଣ କରନ୍ତି ରୋଳ । ୬୫ ।
ଉନ୍ମାଦ ଭରେଣ ଅତି ଆଳାପ ବାଣୀ
ଶୁଣି ଜାଦବରବ କି ବିରହି ପ୍ରାଣୀ । ୬୬ ।

ଏସନ ସମୟେ ତୋତେ ଉପେକ୍ଷି ହରି ।
ବିହରଇ ସଙ୍ଗେ ଯେନ ବରଜ ନାରୀ । ୬୭ ।
ଶୁଣ ହେ ସୁଜନେ ମନ କର ସାନନ୍ଦ ।
କୃଷ୍ଣ କ୍ରୀଡାରସ ଏହୁ ତୃତୀୟ ଛନ୍ଦ । ୬୮ ।
ବସନ୍ତ ବର୍ଣ୍ଣନା ଏହୁ ରହସ୍ୟ ଲୀଳା ।
ରାଧିକା ଅଗ୍ରତେ ସହଚରୀ କହିଲା । ୬୯ ।
ଶ୍ରୀହରି ଚରଣ ପଦ୍ମଂ ପରାଗ ଆଶେ ।
ଧରଣୀଧରର ମନ ମଧୁପଙ୍କ ସେ । ୭୦ ।

ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିନେ ନାମ ପ୍ରଥମଃ ସର୍ଗଃ ।

---

## ଚତୁର୍ଥ ଛନ୍ଦଃ ।

ରାଗବରାଡ଼ି । ଆଷାଢ଼ ଶୁକ୍ଳ ବାଣୀ ।

ଶୁଣ ସୁଜନେ ହୋଇ ସାବଧାନ । କହିଲା ଦୂତୀ ଯେତେକ ବଚନ ।
ଶୁଣି ରାଧିକା ଅତି ତାପ ମନେ । ବିହରଇ ଘନ ଘୋର ବିପିନେ ।
ଅତି ଅନୁରାଗ । ଧରିଅଛି ତାହା ହୃଦୟ ଭାଗ । ୧ ।
ଭ୍ରମନ୍ତେ ତନୁ ନିଜ ତେଜ ନାଶ । କେବଣହିଂ କୁଞ୍ଜଲତା ପ୍ରବେଶ ।
ଭ୍ରମର ମଣ୍ଡଳୀ ତହିଁ ଉପରେ । ମୁଖ ରାବ ଧ୍ୱନି କାନନେ ଝୁଂରେ ।
ତା ଦେଖି ସୁମୁଖୀ । ଅତି ଦୁଃଖେ କହେ ଶୁଣଗୋ ସଖି । ୨ ।
ଦେଖ ସଖି ହରି ଏତେ ନିର୍ଦ୍ଦୟ । କ୍ରୀଡା କରଇ ଯେନି ଗୋପ ଜାୟା ।
ମୋର ବିହୁନେ ରାସ କେଳି ରସ । କରଇ ନାନା ପ୍ରକାରେ ବିଳାସ ।
ନାହିଂ ମୋରେ ଆସ । ମୋ ମନ ଶୁମରଇ କ୍ରୀଡାରସ । ୩ ।
ଅମିୟ ଅଧରେ ବେନୁ ମଧୁର । ଚଳିତ ଲୋଚନ ଚଞ୍ଚଳ ଶିର ।
କପୋଳୁଂ ଅବତଂସ ପୁଷ୍ପମାନ । ଆନ୍ଦୋଳ ହୁଅନ୍ତେ ଅତି ଶୋଭନ ।
ତା ପ୍ରସନ୍ନ ମୁଖ । ଦେଖି କାମିନୀ ହରିଅଛି ଦୁଃଖ । ୪ ।
ମୟୂର ପୁଚ୍ଛର ଚନ୍ଦ୍ରିକା ମାଳି । କୁଟିଳ କେଶେ ବେଢାଇ ମଣ୍ଡଳୀ ।
ଯେ ସନେ ନୀଳ ଜଳଦର ମଧ୍ୟେଂ । ଇନ୍ଦ୍ରଚାପ କି ଏ ହୋଇଛି ଉଦେ ।
ତା ମୋହନ କୂଳ । ଗ୍ରହିଂଲେ ତରୁଣୀ ଚିତ୍ତ ଆକୂଳ । ୫ ।
ଗୋପ ନାୟିକା ନିତମ୍ବିନୀ ବୃନ୍ଦ । ବଦନ ବିକଶିତ ଅରବିନ୍ଦ ।
ଚୁମ୍ବନ ଦେବାକୁ ଲୋଭେ ସୁନ୍ଦରୀ । ବଳିଛି ମଧୁରା ଧର ମୁରାରି ।

ବିଧୁକର ଅଭି । ଉଲ୍ଲସିତ ଦର ହାସ୍ୟେଣ ଶୋଭି । ୬ ।
ସହସ୍ରେ ବ୍ରଜ ନାରୀ କରେ କୋଳ । ପୁଲକିତ ଅତି ଭୁଜ ବିପୁଳ ।
କରେ କଙ୍କଣ ହୃଦରେ ଭୂଷଣ । ପାଦେ ନେପୂର ନାନା ମଣି ଗଣ ।
ଏଜ୍ୟୋତି ପ୍ରକାଶ । କୁଞ୍ଜ ସଦନେ ଅନ୍ଧକାର ନାଶ । ୭ ।
ଚଳନ୍ତେ ଅସିତ ଘନ ପଟଳ । ଯେ ସନେ ପ୍ରକାଶ ଶଶି ମଣ୍ଡଳ ।
ଚନ୍ଦନ ବିନ୍ଦୁ ତିଳକ ତେସନ । ହରି ଭାଲ ପଟେ ଅତି ଶୋଭନ ।
ଘନ କୁଚ ଭର । ମର୍ଦ୍ଦନେ ହୃଦୟ ନିର୍ଦ୍ଦୟ ଯାର । ୮ ।
ମନୋହର ମଣିମୟ କୁଣ୍ଡଳ । ମଣ୍ଡିତ ଗୋବିନ୍ଦ ଗଣ୍ଡ ଯୁଗଳ ।
କଟୀତଟେ ଶୋଭେ ପୀତ ଅମ୍ବର । ସୁର ଅସୁର ଯାର ପରସ୍କର ।
ମୁନି ଜନ ଆଦି । ଇତର ମନୁଷ୍ୟ କି ଏ ପ୍ରସିଦ୍ଧ । ୯ ।
ସେତ କଦମ୍ବ ତଳେ ଜନାର୍ଦ୍ଦନ । କଳି କଳୁଷ କରେ ବିନାଶନ ।
ମୋହୋର ମନ ତାହା ତହିଂରମେ । ମଦନେ ତରଳ ଲୋଚନ ଗମେ ।
ଦେଖିବାକୁ ଆସ । ଯେତେ ଦୁଃଖ ହେଲେ ନୋହେ ନିରାସ । ୧୦ ।
କୃଷ୍ଣର ଗୁଣ ଗୁଣି ମୋର ଦେହ । ଭ୍ରମ ହୋଇ ଚିତ୍ତ କରୁଛି ମୋହ ।
ଯେତେ ଦୋଷ କଲେ ମୁଁ ନ ଘେନଇ । ପୁନରପି ଚିତ୍ତ ତାହାର ତହିଂ ।
ସେ ନିର୍ଦ୍ଦୟ ହରି । ମୋ ବିନେ କ୍ରୀଡା କରେ ବ୍ରଜନାରୀ । ୧୧ ।
ଶୁଣ ସଜନୀ ବଚନ ମୋହୋର । କେଣି ଉପୁ ଭୁଲେ ସମ୍ଭୋଗ କର ।
କାମ କାମନା ପୂର୍ଣ୍ଣ କର ମୋର । ବିବିଧ ମତେ ସେ ଯେତେ ପ୍ରକାର ।
ଶୁଣ ପ୍ରାଣ ସହି । ଯେମନ୍ତ ଭାବେ କେଳି କରି ବହିଂ । ୧୨ ।
ନିର୍ଜ୍ଜନ ସଦନ ନିକୁଞ୍ଜେ ମୁହିଂ । ନିସି ଅନ୍ଧକାରେ ଥିବଇଂ ତହିଂ ।
ନ ଦେଖି ଚକିତ ହୋଇବେ ହରି । ଗୃହିଂବେ ଦଶେ ଦଶେ ଅନୁସରି ।
ପଶିବେ ସେ ବନ । ହସିବେ ମୋତେ ପାଇଣ ଦ୍ରଶନ । ୧୩ ।
ପ୍ରଥମେ ତାର ମୋହୋର ସଙ୍ଗତ । ଲଜ୍ଜା ଭରେ ମୋ ତନୁ ସଙ୍କୋଚିତ ।
ବିବିଧ ପ୍ରକାରେ ଗୃଷ୍ଟୁ ଯେତେକ । କହିଲେ ମୃଦୁ ମଧୁର ଅନେକ ।
ମୋ ହାସ୍ୟ ବଚନ । ଫେଡିଲେ ଘନ ଜଘନୁ ବସନ । ୧୪ ।
ନବୀନ ପଲ୍ଲବ ଶଯ୍ୟା ଉପରେ । କୃଷ୍ଣଙ୍କୁ ଆଣି ଶୁଆଇବି ଉରେ ।
କରିବି ଗାଢ଼ ଭରେ ଆଲିଙ୍ଗନ । ନଳିନ ବଦନେ ଦେବି ଚୁମ୍ବନ ।
ଉତ୍ସୁକେଣ ମନ । ଅମିଅ ଅଧର କରିବି ପାନ । ୧୫ ।
ମଦନ ମତ୍ତ ଭରେ ମତି ଭୋଳ । ହୋଇଥିବି ମୁହିଁ ଅତି ଚଞ୍ଚଳ ।
ସକଳ କଳେବର ଶ୍ରମ ଝାଳ । ପୁଲକିତ ଘନ କପୋଳ ତଳ ।

ଅଲସିତ ଘେନ । ଭୁଜ ହୋଇଥିବ ନୟନ ବେନ ।୧୬।
କାମ ଶାସ୍ତ୍ରେ ମୋର ସୁରସ ବାଣୀ । କୋକିଳ ମୃଦୁ ରବ ଭଳ ଜାଣି ।
ଫିଟିବ କୁନ୍ତଳ କବରୀ ଭାର । ଖସି କୁସୁମ ପଡ଼ିବ ଶଯ୍ୟାର ।
ଘନ କୁଚ ବେନ । ଲେଖିବେ ହରି ତୀକ୍ଷ୍ଣ ନଖ ଘେନ ।୧୭।
କଟିରେ କଟି ମେଖଳା ମୋହୋର । ପୟରେ ରଣ ଝୁଣିତ ନୂପୁର ।
କ୍ରୀଡ଼ା କାଳେ ଏହୁ କରିବେ ବାଦ୍ୟ । ପୁରିବ କେଳି ସଦନେ ଶବଦ ।
ସେ ଜଗୁ ଜୀବନ । କେଶ ଧରି ମୁଖେ ଦେବେ ଚୁମ୍ବନ ।୧୮।
ରତି ସୁଖକାଳେ ଚୁତ ମୁକୁଳ । ଚ୍ହିଂ ନ ପାରି ଲୋଚନ କମଳ ।
ନିସ୍ତ୍ରାଣ ହୋଇଣ ଶଯ୍ୟା ଉପର । ଶୋଇଣ ଥିବେ ଅଲସିତ ଭର ।
ସେ ମଧୁ ସୂଦନ । କୋଟି ମଦନ ପ୍ରସନ୍ନ ବଦନ । ୧୯ ।
ଶୁଣ ସଖି. ଯାହା କହିଲି ମୁହିଂ । ହରି ଭୁଲେ ଭେଟ କରାଅ ସହି ।
କାମେଣ ଉତ୍କଣ୍ଠା ହୋଇ ତରୁଣୀ । ଭ୍ରମଇ ଲତା କୁଞ୍ଜ ଗୃହ ଜାଣି ।
କେତେହେଂକ ଦୂରେ । ଦେଖିଲି ହରିଙ୍କ ନାରୀ ବୃନ୍ଦରେ ।୨୦।
କୃଷ୍ଣ ସେ ଯହୁଂ ଦେଖିଲେ ରାଧାଙ୍କୁ । ସଲଜ୍ଜେ ଅତି ସଙ୍କୋଚ ମନକୁ ।
ହସ୍ତରୁ ମୋହନ ବେନୁ ପଡ଼ଲା । ଗଣ୍ଡ ଯୁଗଳ ଝାଳରେ ବୁଡ଼ିଲା ।
ସ୍ତମ୍ଭିତ ଭ୍ରୂଲତା , । ଉତ୍ସାହା ଲାଗିଲା ଗୋପ ବନିତା ।୨୧।
ହରଷ ହୋଇ ସେ ରାଧା ସୁନ୍ଦରୀ । କହଇ ଅସି ଶୁଣ ସହଚରି ।
ବେଢ଼ିଛନ୍ତି ବ୍ରଜ ସୁନ୍ଦରୀ ଗଣେ । ଦେଖିଲି ହରି କ୍ରୀଡ଼ା କରେ ବନେ ।
ତା ବଦନ କାନ୍ତି • । ଦ୍ରହସିତ କ ଶୁଧା କର ଜ୍ୟୋତି ।୨୨।
ଦେଖ ସଖି ନବ ବକଚ କୋକ । ପ୍ରକାଶ ହୁଅନ୍ତେ ବଢ଼ଇ ଶୋକ ।
ତୋଠା କାନନ ସରୋବର କୁଳ । ସଥିରେ ବହଇ ମଲୟା ନିଲ ।
ଏ ଦହଇ ମନ । ହରି ବିନୁ ଏ ଅନଳ ସମାନ । ୨୩ ।
ନବୀନ ମୁକୁଳ ଚୁତ ବକୁଳ । ଶିଖରେ ମତ୍ତ ଭରେ ଭୃଙ୍ଗକୁଳ ।
କରନ୍ତି ରଣିତ ମଧୁର ବାଣୀ । ଶୁଣି ଭ୍ରମଚିତ୍ତ ହୋଏ୍ମି ମିତଣୀ ।
ମୁ କରିବ କିସ । ଜାଣିଲି କୃଷ୍ଣ ମୋହୋରେ ନିରାସ ।୨୪।
ଶୁଣ ସାଧୁ ଜନେ ହରଷ ଚିତ୍ତ । ଅମିୟ ପୁରିତ ହରି ଚରିତ ।
କୃଷ୍ଣ କ୍ରୀଡ଼ା ଏହୁଂ ଚତୁର୍ଥ ଛନ୍ଦ । ହରିବ ଦୁଃଖ ହୋଇବ ଅନନ୍ଦ ।
ସେ ଧରଣୀଧର । ଗାବେ ହରି ରସ ଅତି ମଧୁର ।୨୫।

ଇତି ଶ୍ରୀଗୀତ ଗୋବନେ ଧରଣୀଧର ବର୍ଣ୍ଣିନେ ନାମ ଦ୍ୱିତୀୟ ସର୍ଗଃ ।

ପଞ୍ଚମ ଛାନ୍ଦଃ । ୫ ।

ରାଗ ଚୋଖି ।

ଏଥୁ ଅନନ୍ତରେ ଶୁଣ   ରସିକ ଜନ ସୁଜନ
ଯେତେ ବେଳେ କୃଷ୍ଣ କ୍ରୀଡା ଦେଖିଲା ରାଧା ।
ସିମନ୍ତିନୀ ବୃନ୍ଦ ମଧ୍ୟେଂ   ବିହରେ ପରମାନନ୍ଦେ
ତୃହିଂଣ ସରୋଜ ମୁଖୀ ପାଇଲା ବାଧା ।
    କାହ୍ନୁଡଣ ଯାନ୍ତେ ସୁନ୍ଦରୀ
ଦେଖିଣ ପୀଡା ପାଇଲା ନାରକା ଅତ ।୧।
ଯହୁଂ ସେ ରାଧା ଗମନ   କୃଷ୍ଣର ଅତି ବମନ
ତେଜିଲେ ବିବିଧ କେଳି ବ୍ରଜ କାମିନୀ ।
ଯେ ରାଧା ରୂପ ପ୍ରକାଶ   ସଂସାର ବନ୍ଧନ ପାଶ
ତେଣୁ ସେ ହୃଦୟ ତାପ ଅମ୍ବୁଜ ପାଣି ।
    ପ୍ରିୟାଙ୍କୁ ସେ ଧରଣ ମନ
ତୃହାନ୍ତ ଚଞ୍ଚଳ ଚିତ୍ତେ ମଧୁସୂଦନ ।୨।
ପୀଡଣ ମଦନ ବାଣ   ଗାତେ ଅତି କ୍ଷୀଣ
ମନ ଯୁଲନ କାନନରେ ରମଣୀ ବିଶେଷି ।
ଗହନ ନିକୁଞ୍ଜ ବନ   ଲତା କେଳି ଗୃହ ସ୍ଥାନ
ବିଷାଦ ମାଧବ ତଥି ଭିତରେ ବସି ।
    ଅତି ତାପ ଜଗତ ସାଇଂ
ନୟନ ମନ ରାଧାର ସନ୍ଧେ ଦେଇଂ ।୩।
ବସିଣ ମଧୁଶୂଦନ   ବିଚାର କରନ୍ତି ମନ
ନୟନେ ମୁଁ ଦେଖିଅଛୁ ପ୍ରାଣ ରମଣୀ ।
ଗୋପବଧୂ ସମୂହରେ   କେଳି କରଇଂ ନିର୍ଭରେ
ବଚନହିଂ ନ କହିଲା ନିଷ୍ଠୁର ପ୍ରାଣୀ ।
    ଅପରାଧ କଲି ତାହାରେ
ଅତି ତାପେ କୋପ କରି ଗଲେ ସେ ମୋରେ ।୪।
କି କରିଣଥିବ ବସି   କି ଆସେ ବଚନ ଭସି
ଚିରକାଳୁଁ ବିରହି ସେ ହୋଇଛୁ ରାଧା ।
ତାର ବିନୁ ମୋର ମନେ   ନାହିଁ କାର୍ଯ୍ୟ ଧନେ ଜନେ
ସଦନରେ ନାହିଁ ଆଉ ସୁଖର ଶ୍ରଧା ।

ଏତେ କହି ଜଗୁ ନିବାସୀ
ରାଧାର ଗୁଣ ସ୍ୱରୂପ ହୃଦରେ ଘୋଷି । ୫ ।
ଚିନ୍ତା କରନ୍ତି ମନ   କୋପେ ରାଧାର ବଦନ
ଦିଶୁଥିବ ଯେସନେ ଲୋହିତ ମଣ୍ଡଳ ।
ଭ୍ରୂଲତା ବେନି କୁଟିଳ   କ୍ରୋଧେଣ ଅତି ଚଞ୍ଚଳ
ଯେସନେକେ ଶୋଭନ ଭ୍ରମର ଯୁଗଳ ।
ଜିଏ ଭୃଙ୍ଗ ପଦ୍ମ ଉପରେ
ବସି ନ ପାରି ଭ୍ରମନ୍ତି ଆକୁଳ ଭରେ । ୬ ।
ତାହାଙ୍କୁ ମୋ ହୃଦ ଗତେ   ଯେଉଣ ପାଇ ନିରତେ
ନିଶି ଦିବା କ୍ଷଣେହେଁ ଅନ୍ତର ନାହିଁ ।
ଅତ୍ୟନ୍ତ ଉତ୍ସୁକ ହୋଇ   ବିବିଧ କେଳି କରଇ
ବିଚ୍ଛେଦ କଲ୍ଲି ମୋତେ ଦାରୁଣ ବିହି ।
ଲୋଡିବି କେଉଣ ବନର
ବୃଅର୍ଥେ ବିଳାପ କେତେ କରିବି ଆର । ୭ ।
ବୋଲନ୍ତି ଦେବ ମୁରାରି   ଶୁଣ ସଖି କୃଶୋଦରି
ନିଶ୍ଚୟେ ଜାଣିଲି ମୁହିଁ ତୋହୋର ହିୟା ।
ହିଂସା ଅଭିମାନ ବହିଂ   ଅତି କ୍ଷୀଣ କଲୁ ଦେହ
କଠିଣ ହୃଦୟ ତୋର ବଡ ନିର୍ଦ୍ଦୟା ।
ନୋହିଲି ମୁ ବିନୟ ତୋରେ
ସେ କାରଣେ ଗଲୁ ଯାସେ ନଇଲୁ ମୋରେ । ୮ ।
ଲୋଚନେ ଦେଖୁଛିଁ ମୋର   ବିଧୁବଦନ ତୋହୋର
ଅଗତେ ଦେଖୁଛିଁ ଆସୁ ଯାଉଛୁ ପ୍ରିୟେ ।
ପୂର୍ବେଣ ମୋହୋର ତୋର   ଯେସନେ ମନ ସାଦର
ତେସନ ପ୍ରାୟେକ କେବେଂ ନ କଲୁ ଦୟେ ।
ଭୁଜେ ଭିଡି ହୃଦୟ ଗତେ
ଗାଢେ ଆଲିଙ୍ଗନ କେବେଂ ନ କଲୁ ମୋତେ । ୯ ।
କ୍ଷମା କର ମୋରେ ସଖି   ବିକଚ ନଳିନ ମୁଖି
କିଂଚିତରେ ଦୋଷ ଆଉ କରିବି ନାହିଁ ।
ଦେଖା ଦେଉ କିନା ମୋତେ   ପ୍ରସନ୍ନା ହୋଇଣ ଚିତେ
ନିର୍ଦ୍ଦୟ ମଦନ ଦହୁଅଛଇ ଦେହି ।

ତାରେ ସଖି କରୁଣା କର
ବଜ୍ରହୁଂ କଠିଣ ଏତୁ ଅନଙ୍ଗ ଶର । ୧୦ ।
ବୋଲନ୍ତି ଶୁଣସି ମାର ତୋହୋର ଯଧୁ ସେ ହର
କିକେଂ ଧର ଅଛୁଁ ମୋତେ ସରୋସ ହୋଇ ।
ଅଭରଣ ମାନ ଗ୍ରହି ଭ୍ରାନ୍ତି ଅବା କରି ରହି
କହଇ ଅଗତେ ତୋର ରଉର ସାଇଂ ।
ଦସ୍ରେ ରହ ଶୁଣ ଉତ୍ତର
ଦୁଃଖି ଜନ ଦେଖି ଦୟା କରନ୍ତି ଧୀର । ୧୧ ।
ହୃଦରେ ଧରଛୁଂ ମୋର ନଳିନ ମୃନାଲ ହାର
ନୋହଇ ଭୁଜଙ୍ଗ ରାଜ ଅନନ୍ତ ଅହି ।
କୁବଳୟ ଦଲମାଲ କଣ୍ଠେ ନୁହଇ ଗରଲ
ତନୁ ମଲୟଜ ମୋର ଭସ୍ମ ନୁହଇ ।
ଶୁଣ କାମ କହଲ ତୋତେ
ନିଲ କଣ୍ଠ କୋଲେ କାନ୍ତା ଥାଇ ନରତେ । ୧୨ ।
ପ୍ରିୟାର ବଚ୍ଛେଦେ ମୋର ଛାପ ଅଛ ଗରଢର
ଅନଲ ଦହନ ପ୍ରାୟେ ହେଉଛୁ ଅଙ୍ଗ ।
ତେଣୁ ସେ ଏମାନ ଅଣି ଶରରେ ଅଛଇ ଘେନ
ବଗୃହଣ କୋପ ତୁହୋ କର ଅନଙ୍ଗ ।
ତୋତେ କାମ ବନୟ କଲି
ପ୍ରହାରନ କର ଶର ଶଙ୍କର ବୋଲି । ୧୩ ।
ଶୁଣ ଗ୍ୟେ ମନମଥ ତନୁ ଅଛ ଅଣକଚ
ଚୂତ ସରସ୍ୱ ଯକରେ ନ ଧର ମୋତେ ।
ଲୀଳା ଏ ଜୀବ ସଂସାର ତ୍ରୈଲୋକ୍ୟ ଗାରମା ଯାର
ମୋହ ଗଲ୍ ପ୍ରାଣି ମାତ୍ର କ ଯଶ ତୋତେ ।
ମୃଗାକ୍ଷୀର କଟାକ୍ଷ ବାଣେ
ଶରୀରେ ପଡ ଜର୍ଜର ହେଉଛୁ ଏଣେ । ୧୪ ।
ଶୁଣ ଗୁ କହଇଂ ସଖି ଅକଲଙ୍କ ଶଶି ମୁଖି
କୁଲତା ଫୁଲ ଧନୁରେ ନୟନ ଶର ।
ଏ ମୋର ମରମ ସ୍ଥାନେ ପଡୁଅଛୁ ଅନୁକ୍ଷଣେ
କୁଟିଲ କବରୀ ଜୀବ ଘେନଣ ମୋର ।

କ୍ରୂର ଜନ ଏସନ ରୀତ
ଭୂଲତା ଅପାଙ୍ଗ ବକ୍ର ସ୍ୱଭାବ ଗତ । ୧୫ ।
ଶୁରଙ୍ଗ ଅଧର ତୋର    ପକ୍ୱବିମ୍ବା ଫଳାକାର
ବେଭରେ ରଙ୍ଗ ତାହାର କହଣ ଅଛୁ ।
ଷଦ ବୃତ କୁଚ ଭାର    ଗୃର୍ ଏ ସରସ ଥିର
ଏକାଂକେଂ ମୋହୋର ପ୍ରାଣ ସ୍ଥାନ ଦହୁଛୁ ।
କୃପା ମୋରେ କର ସୁକେଶି
ମଜ୍ଜିଲ ମଦନ ନଦୀ ଯାଉଛୁଂ ଭାସି । ୧୬ ।
ପୁନରପି ବେଲୁଛନ୍ତି    ଚତୁର୍ଦ୍ଦଶ ଲୋକ ପତି
ରାଧା ଭୁଲେ ପୂର୍ବେ କ୍ରୀଡା କରଛୁଂ ମୁହିଂ ।
ଶରାସନ କୁଚ ହାର    ଆଲିଙ୍ଗନ ତନୁ ବର
ଯେତେ ସୁଖ ରତ ପତ ଅଛଇ ଲହି ।
ଚଞ୍ଚଳତା ତରଳ ଆକ୍ଷୀ
ଅପାଙ୍ଗେ ଗ୍ରହିଂଲେ ଭ୍ରମ ହୁଅଇ ଦେଖି । ୧୭ ।
ଦେଖିଣ ତାପ ମୋହୋର    ପ୍ରିୟାର ମନେ କାତର
ଭୁଜେ ଭୀଡି ଆଲିଙ୍ଗନ ଚୁମ୍ବନ ଦେଇ ।
ଯେଣୁ ସେ ମଦନ ଶର    ଶରୀରେ ନରହେ ଆର
ସୁଖ ଜଳଧି ମଧ୍ୟରେ ମଜ୍ଜଇଂ ମୁହିଂ ।
ମୁଖ ତାର ପଦ୍ମଂ ସୁବାସ
ଭୃଙ୍ଗ ପ୍ରାୟେ ମନ ମୋର ନ ଛଡେ ପାଶ । ୧୮ ।
ଦ୍ରୁହସିତ ବକ୍ର ବାଣୀ    ପୀୟୂଷ ପୁରତ ଜାଣି
ଶ୍ରବଣେ ଶୁଣନ୍ତେ ଚିତ୍ତ ପ୍ରମୋଦ ହୋଏ ।
ବିମ୍ବାଧର ମଧୁ ପାନେ    ତୋଷ ଅତ ମୋର ମନେ
ବିଷୟ ବିଳାସ ଯେତେ ଆନନ୍ଦ ମୟେ ।
ତାହା ସଙ୍ଗେ କରଛୁଂ ଭୋଗ
କେମନ୍ତେ ତରିବ ଏବେ ବିରହ ରୋଗ । ୧୯ ।
ଭ୍ରୂଲତା କାର୍ମୁକ ତାର    ନୟନ ଅନଙ୍ଗ ଶର
ସିଞ୍ଜିନୀ ଶ୍ରବଣ ଯାଏ ଅଞ୍ଜନ ରେଖା ।
ଜଗତ ଜଣ ମଦନ    ବିବିଧ ଆୟୁଧ ମାନ
ଗ୍ରନ୍ଥକାର ତହିଂ ଥୋଇଂ କରିଛି ଶିକ୍ଷା ।

ଅଙ୍ଗେ କରଅଛନ୍ତି ତାହାଙ୍କୁ
ତ୍ରିଭୁବନେ ସମ ଆଉ ନାହିଁ ଯାହାଙ୍କୁ । ୧୦ ।
ଶୁଣନ୍ତୁ ସୁଜନ ଜନେ ପ୍ରସନ୍ନ ହୋଇଣ ମନେ
ରାଧାର ବଚ୍ଛେଦେ କୃଷ୍ଣ ବାଉଳ ହୋଇ ।
ହରବ ବଷୟ ତାପ ଅର୍ଗ୍ନିକ ଯେ ସନେ ଆପ
ଲଭବ ପରମ ସୁଖ ହରଷ ହୋଇଂ ।
ଶ୍ରୀକୃଷ୍ଣଙ୍କ ପଦ୍ମ ଚରଣ
କିଙ୍କର ଧରଣୀଧର ପଶେ ଶରଣ । ୧୧ ।

ଇତ ଶ୍ରୀଗୀତ ଗୋବନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ଧୃତୀୟଃ ସର୍ଗଃ ।

ଷଷ୍ଠ ଛନ୍ଦଃ ।
ରାଗଚିନ୍ତା ଦେଶାକ୍ଷ ।

ଶୁଣନ୍ତୁ ସୁଜନେ ଏଥୁ ରସ ବଚନ ।
ଯମୁନା ପୁଲିନ ବନେ ମଧୁସୂଦନ । ୧ ।
ବରହ ତାପେଣ ଅତ ବସାଦ ହୋଇଂ ।
ବସନ୍ତି ଯଦୁପତ ଶିର ଲୁଆଇଂ । ୨ ।
ରାଧିକାର ସ୍ନେହ ଭର ଅନ୍ତେଣ ହର ।
ସଭୟ ମନେଣ ତନୁ ଖିନ୍ନ ମୁରାର । ୩ ।
ଏସନ ସମୟେ ଆସି ମିଳେ ସଜନୀ ।
ରାଧାର ବରହ ଯେତେ କହଇ ଯେନି । ୪ ।
ଶୁଣ ଭୁ ମାଧବ ମୋର ରାଧିକା ସଖୀ ।
ତୋହୋର ବରହେ ଅତ ହୋଇଛନ୍ତି ଦୁଃଖୀ । ୫ ।
ମନ୍ମଥ ଶର ଭୟେଣ ଆରତ ହୋଇ ।
ଭାବଇ ଚୈତନ୍ୟ ମନ ତୋ ତହିଂ ଦେଇ । ୬ ।
ନନ୍ଦଇ ଚନ୍ଦନ ଚନ୍ଦ୍ର କିରଣ ଗୃହିଂ ।
ମନେ ଅତ ତାପେଣ ଧୈର୍ଯ୍ୟ ନ ଧରଇ । ୭ ।
ମଳୟ ପବନ ସଖୀ ଲାଗନ୍ତେ ଦେହ ।
ଗରଳ ଜ୍ୱାଳାର ପ୍ରାୟେ କରଇ ଦାହ । ୮ ।
ବଚାରଇ ସଖୀ ସେ ଚନ୍ଦନ କନ୍ଦର ।
କାଳ ସର୍ପ ସଦନ ତହିଂର ଉପର । ୯ ।

ତାର ବିଷ ଜ୍ୱାଳା ଯେନ ଦହୁଛି ଏହି ।
ତେଣୁ ସେ ହୃଦୟ ମୋର ହେଉଛି ଦହି । ୧୦ ।
ମନ ସିଜ ଶର ପଡେ ଅନବରତ ।
ସଖୀର ମରମ ସ୍ଥାନ ହୃଦୟ ଗତ । ୧୧ ।
ତେଣୁ ସେ ଜଳରୁ ଆଣି ପଙ୍କଜ ଦଳ ।
ଦିଅଇ ସଖୀର ଉରେ କୁଚ ମଣ୍ଡଳ । ୧୨ ।
ତହୁଂ ସେ ହୃଦରେ ତୋତେ ଅଛଇ ଧରି ।
କାମ ଶର ନିବାରଣେ କବଚ କରି । ୧୩ ।
ଛଡିଣ ବିଳାପ ସଖୀ କଲା ମୋହୋର ।
ବ୍ରତ ଆଚରିଣ ଦୃଢ କଲା ତୋହୋର । ୧୪ ।
ତବ ଆଲିଙ୍ଗନ ସୁଖ ବାଞ୍ଛିତ ମନ ।
କୁସୁମର ଶଯ୍ୟା କରିଅଛି ବିଧାନ । ୧୫ ।
ବହିଇ ଲୋତକ ସଖୀ ମୁଖ କମଳ ।
ଲୋଚନୁ ଜଳ ବରଷେ ଏଜଳ ଧାର । ୧୬ ।
ରାହୁ ଗ୍ରାସେ ଦନ୍ତ ଘାତେ ଚନ୍ଦ୍ର ଯେସନ ।
ଝରଇ ଅମୃତ ଧାର ଜାଣି ତେସନ । ୧୭ ।
ଏମନ୍ତେ କଷ୍ଟରେ ଯେନ ବସିଣ ସଖୀ ।
ଲିହଇ ମଦନରୂପ ଅତି ସୁରେଖୀ । ୧୮ ।
ମକର ଗେ ଠିସ୍ୟେ ଯାନ କରିଣ ଲିହି ।
କରେଣ ଚୂତ ବକୁଳ ଶରେକ ଦେଇ । ୧୯ ।
ଅନଙ୍ଗ ମୂରତ ତୋତେ ଆଭିନ୍ନ କରି ।
ଚରଣେ ପଡି ବୋଲଇ ଶରଣ ହରି । ୨୦ ।
ପୁଣ ପୁଣ ପାଦ୍ୟେ ପଡି ବୋଲଇ ରାମା ।
ତାର ବନୁ ମୋର ତନୁ ଦହେ ଚନ୍ଦ୍ରମା । ୨୧ ।
ଧ୍ୟାନେଣ ଅଗତେ ତୋତେ ଉଭା କରଇ ।
ବିଷାଦ ହୋଇଣ ପୁନରପି ହସଇ । ୨୨ ।
ସ୍ନେହଂଲେ ନ ଦେଖିଣ ଚୈତନ୍ୟ ହଜାଇ ।
କ୍ଷଣେ କ୍ଷଣେ ରୋଦନ ସେ କରଇ ସହି । ୨୩ ।
କ୍ଷଣ କ୍ଷଣ କରେ ସଖୀ ବିଷାଦ ହୋଇ ।
କ୍ଷଣକେ ଛାଡିଣ ତାପ ଧୈର୍ଯ୍ୟ ହୁଅଇ । ୨୪ ।

ତୋହୋର ବିରହେ ସଖୀ ବିଚ୍ଛିନ୍ନ ମତି ।
ଘାଉଆ ହରିଣୀପ୍ରାୟେ ହୋଇ ଯୁବତୀ । ୨୫ ।
ଗୃହକୁ ଅରଣ୍ୟ ପ୍ରାୟେ ମଣଇ ସଖୀ ।
ଜାଲ ମାଲା ନ୍ୟାୟେ ବେଢି ବସିଲେ ଅଳି । ୨୬ ।
ଶୀତଳ ସମୀର ତାର ତାପଇ କାୟେ ।
ଦାବାଗ୍ନି ର ଜ୍ୱାଳା ନ୍ୟାୟେ କରଇ ଭୟେ । ୨୭ ।
ମଦନ ନିର୍ଗତ ବାଣ କାଳ ତାହାଙ୍କୁ ।
ଶାର୍ଦ୍ଦୂଳ ହରଷ ଯେହ୍ନେ ଦେଖି ଜମ୍ବୁକୁ । ୨୮ ।
ଶୁଣ ତୁ କେଶବ ରାଧା ତୋହୋର ବନ୍ଧୁ ।
ହାଲେ ଅତି କ୍ଷୀଣ ତାର ହୋଇଲା ତନୁ । ୨୯ ।
ଅମଳ ମୁକୁତା ହାର କୁଚ ଉପରେ ।
ବହି ନ ପାରଇ ଗୁରୁ ହୋଇଲା ତାରେ । ୩୦ ।
ମଳୟ ପଙ୍କଜ ବିଷ ଦେଖି ତରୁଣୀ ।
ତନୁକୁ ଶଙ୍କଇ କି ସେ ଗରଳ ଜାଣି । ୩୧ ।
ନିଶ୍ୱାସ ସମୀର ଅନୁପମ ଶୀତଳ ।
ତୋର ବିନୁ ଯେସନେ ମଦନ ଅନଳ । ୩୨ ।
ନିରନ୍ତରେ ଅଶ୍ରୁ ଜଳ ଗଳଇ ତାର ।
ସକଳ ଦିଗେ ପକାଇ ଲୋଚନ ନୀର । ୩୩ ।
ନିରସ ହୋଇଲା ତାର ନୟନ ବେନି ।
ମୃଣାଳୁଂ ଖସିଲା ପଦ୍ମଂ ପାଖୁଡା ଜାଣି । ୩୪ ।
ନବୀନ ପଲ୍ଲବ ଶଯ୍ୟା ଦେଖି କାମିନୀ ।
ଗୃହଂ ନ ପାରଇ ନ୍ୟାୟେ ଜଳଇ ବହ୍ନି । ୩୫ ।
ବସିଛି କପୋଳେ କର ଦେଇଣ ରାମା ।
ବଦନ ସନ୍ଧ୍ୟାରେ କି ନବୀନ ଚନ୍ଦ୍ରମା । ୩୬ ।
ହରି ହରି ବୋଲି ଜପେ ସକାମ କରି ।
ସଫଳ ହୋଇବ ଯେବେ ଆସିବେ ହରି । ୩୭ ।
ନୋହିଲେ ବିରହ ତାପେ ହତ ହୋଇବ ।
ନିଷ୍କାମ କରଣ ଭକ୍ତି ମୁହିଂ ଲଭିବ । ୩୮ ।
ଏ ତୋର ହୃଦୟ ହରି କଠୋର ଅତି ।
ବଜ୍ରହୁଂ କଠିଣ ଅତି ଦାରୁଣ ମତି । ୩୯ ।

କାମାତୁର ବ୍ୟାଧି ପୀଡା କରଣ ସାଧା ।
ତୋର ଅଙ୍ଗାମୃତ ଦେଇ ହରବ ବାଧା । ୪୦ ।
ଅସାଧ୍ୟ ବ୍ୟାଧି ଅଣିମା କୁମାରେ ତାର ।
ତୋର ଅଙ୍ଗାମୃତ ଦେଇ ରଖ ସୁନ୍ଦର । ୪୧ ।
କନ୍ଦର୍ପ ଜ୍ୱରେ ଅକୂଳ ଶରୀର ତାର ।
ଅଣ୍ଟର୍ଯ୍ୟ ହୋଇଛି ଚିର ନ ରହେ ଆର । ୪୨ ।
ଚନ୍ଦ୍ର ଚନ୍ଦନ କମଳ ଚିନ୍ତିଲେ ମନ ।
ସମ୍ଭ୍ରମ ହୁଅଇ ସଖୀ ହରଇ ଜ୍ଞାନ । ୪୩ ।
ତବ କ୍ରୀଡା ରସ ଧ୍ୟାନ କରଇ ବସି ।
ଦୁର୍ବଳ ହୋଇଲା ଅତ କୁଟିଲ କେଶି । ୪୪ ।
ଅନଙ୍ଗ ଅନଳୁଂ ବାରେ ଉଦ୍ଧରି ଧର ।
ତୁହ ସେ ତାହାର ପ୍ରିୟ ଶୀତଳ କର । ୪୫ ।
ପୂର୍ବେଣ କ୍ଷଣକେ ତୋର ବରହେ ସଖୀ ।
ସହି ନ ପାରଣ ଅତ ହୋଇଛି ଦୁଃଖୀ । ୪୬ ।
ନୟନ ପିଛାଡବାକୁ ବଚ୍ଛେଦ ପାଇ ।
ମନସିଜ ତାପେ କ୍ଷୀଣ ହୋଇଛି ଦେହି । ୪୭ ।
ଏବେହେଂ ଦହୁଛି ମନ୍ଦ ମଳୟ ବନ ।
ତୃଣ ଡାଳ ବଳୁଳିଛି ଅତ ଗହନ । ୪୮ ।
ଏଥକୁ ଦେଖିଲେ ସେ କ ଧରବ ଦେହି ।
ଚିର କାଳୁଂ ତୋହୋରେ ହୋଇଣ ବରହି । ୪୯ ।
ଶୁଣ ହେ ସୁଜନେ ମୃଦୁ ମଧୁର ବାଣୀ ।
ହରି ବରହେ ଆକୁଳ ରମଣୀ ମଣି ।୫୦ ।
କହଇ ସଜନୀ ମଧୁ ଋତୁ ଅଗତ ।
କୃଷ୍ଣ କ୍ରୀଡା ରସ ଖଣ୍ଡ ଛନ୍ଦ ଉଚିତ । ୫୧ ।
ଦନ ବନ୍ଧୁ ଦୟା ସିନ୍ଧୁ ପଙ୍କଜ ପାଦ ।
ଧରଣୀଧରର ଶିରେ ଖଣ୍ଡ ବଷାଦ । ୫୨ ।

ଇତ ଶ୍ରୀଗୀତ ଗୋବନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ଚତୁର୍ଥଃ ସର୍ଗଃ ।

ସପ୍ତମ ଛନ୍ଦଃ ।

ରାଗ ଲଳିତ ଗୌଡ଼ା ।

ଏଥୁ ଅନନ୍ତରେ ଶୁଣ ସୁସ୍ଥିର ସୁଜନେ ।
ରାଧିକାର ବିରହ ଚରିତ ଯେତେ ମାନେହେ ।୧।
କହନ୍ତେ ଶଜନୀ ସେ ଶୁଣିଲେ କମ୍ବୁପାଣେ ।
ବୋଲନ୍ତି କୋମଳ ଯେ ଅମିୟ ରସ ବାଣୀ ଯେ ।୨।
ଶୁଣ ତୁ ସଜନୀ ମୁ ଏବନେ ବସି ଥାଇଂ ।
ମୋହୋର ବଚନେ ରାଧିକାକୁ ଆଣ ଯାଇଂ ହେ ।୩।
ମଧୁରିପୁ ଆଜ୍ଞାୟେ ଚଳଇ ସହଚରୀ ।
ପୁନରପି ଭେଟିଲା ସେ ରାଧିକା ସୁନ୍ଦରୀ ଯେ ।୪।
କହଇ ସଖୀର ଆଗେ ହରି କଥାମାନ ।
ଶୁଣ ତୁ ମିତଣି ଯେ ହୋଇଣ ସାବଧାନ ହେ ।୫।
ତୋହୋର ବିରହେ ବନମାଳୀ ଅତି ଦୁଃଖୀ ।
ବିଷାଦେଣ ବସିଅଛି ଅଇଲି ମୁ ଦେଖି ହେ ।୬।
ମଦନ ସଙ୍ଗତେ ବହେ ମଳୟ ପବନ ।
ଫୁଟିଲେ କୁସୁମ ହରି ହୃଦ ବିଦାରଣ ହେ ।୭।
ଚନ୍ଦ୍ରମା କିରଣ ପଡ଼େ ଦହେ କାମ ବାଣ ।
ବିକଳ ବିଳାପ ମନେ ଇଛଇ ମରଣ ଗୋ ।୮।
ଭୃଙ୍ଗ କୁଳ ଧ୍ୱନି ଶୁଣି ଇଛଇ ଶ୍ରବଣ ।
ବିରହେ ଚଞ୍ଚଳ ମତି ନିଶି ଦିବା କ୍ଷୀଣ ଗୋ ।୯।
ବସିଛି ବିପିନେ ଛାଡ଼ି ଗୃହ ଅନୁପାମ ।
ଶୋଇ ଅବନୀରେ ଶୋକେ ଧରି ତବ ନାମ ଗୋ ।୧୦।
ପୂର୍ବେଣ ତାହାର ତୋର ସମଯୋଗ ହୋଇ ।
ରତିପତି ଆସା ପୂର୍ଣ୍ଣ ହୋଇଲାକ ତହିଂ ଯେ ।୧୧।
ଏବେ ସେହି ନିକୁଞ୍ଜ ସଦନରେ ମାଧବ ।
ମନମଥ ତୀର୍ଥ କରି ଧ୍ୟାଇ ଅଛି ତବ ଗୋ ।୧୨।
ତୋହୋର କ୍ରୀଡ଼ା ଚରିତ୍ର ମନ୍ତ୍ର ଜପ କରି ।
ବାଞ୍ଛିତ ଫଳ ତାହାର ଶୁଣସି ସୁନ୍ଦରି ଗୋ ।୧୩।
ଏ ତୋର ସଘନ ଏ କଠିଣ କୁଚ ଦୁଇ ।
ହୃଦେ ଭିଡ଼ି ଆଲିଙ୍ଗନ ସୁଧା ରସ ପାଇ ଗୋ ।୧୪।

IMPERIAL

ସନ୍ଧିରେ ପବନ ବହେ ଯମୁନାର ତଟେ ।
ବସିଛନ୍ତି ବନମାଳୀ ଗୃହଂ ତୋତେ ବାଟେ ଗୋ । ୧୫ ।
ଚଲ ନୀତମ୍ବିନି ସଖି ବଲମ୍ବ ନ କର ।
କାମ ମନୋହର ବେଶ ହୋଇ ଅଭିସାର ଗୋ । ୧୬ ।
ରତି ସୁଖ କ୍ରୀଡା ରସ ସଂସାରରେ ସାର ।
ପ୍ରାଣ ନାଥ ସନ୍ନିଧକୁ ବେଗେ ଅନୁସର ଗୋ । ୧୭ ।
ତୋର ନାମ ଧରଣ ସେ ଦେବ ଗୋପୀନାଥ ।
ବାଦଇ ମଧୁର ଧ୍ୱନି କରଇ ସଙ୍କେତ ଗୋ । ୧୮ ।
ପବନେ ଉଡିଣ ରେଣୁ ପଡିଲେ ଦେହର ।
ବହୁତ ପ୍ରକାରେ ମନେ ଧ୍ୟେନେ ଦାମୋଦର ଗୋ । ୧୯ ।
ବୋଲଇ ରାଧାର ଅଙ୍ଗ ମଳୟଜ ରେଣୁ ।
ପବନ ଶଙ୍ଗତେ ଆସି ଯୋଡେ ମୋର ତନୁ ଗୋ । ୨୦ ।
ବୃକ୍ଷରେ ପକ୍ଷୀ ବସନ୍ତେ ପତ୍ରେପତ୍ର ବଜ ।
ସଙ୍କିତ ହୁଅଇ ସେ ଆସନ ପର ତେଜ ଗୋ । ୨୧ ।
ତୋହୋର ଅଇଲା ପ୍ରାୟେ ମଣଇ ମୁରାର ।
ରଚନା କରଇ ଶଯ୍ୟା ପଲ୍ଲବ ବସ୍ତାର ଯେ । ୨୨ ।
ଚକିତ ନୟନ ହୋଇଂ ପୁଣ' ହର ।
ଗୃହାଇଂ ତବ ଅଗମ ପଥ ଅନୁସର ଗୋ । ୨୩ ।
ଶୁଣ ଧୁ ପ୍ରାଣର ସଖୀ ବଚନ ମୋହୋର ।
ରଣିତ ଶବଦ ଏନୂପୁର ଦୂର କର ଗୋ । ୨୪ ।
କ୍ରୀଡାର କାଳକୁ ଏହୁ ରୂପୁ ପ୍ରାୟେ ମଣି ।
କବଡ ତମିର କୁଞ୍ଜେ ଚଲସି ମିତଣି ଗୋ । ୨୫ ।
ଅସିତ ବସନେ ତନୁ ପରିହିତ କର ।
ସ୍ୱଭାବେ ସୁବେଶ ହୋଇ ପଥ ଅନୁସର ଗୋ । ୨୬ ।
ବପରୀତ ରତିକାଳେ ମୁକୁତାର ହାର ।
ଅତି ସୁରଚିତ ମୁର ରିପୁ ହୃଦୟର ଗୋ । ୨୭ ।
ଯେସନେ ଶ୍ୟାମଲ ମେଘେ ବକପନ୍ତି ଶୋହେ ।
ତବ ତନୁ ତଥି କ ତଡିତ ଲତା ପ୍ରାୟେ ଗୋ । ୨୮ ।
ଅନେକ କାଳର ପୁଣ୍ୟ ଲଭିବୁ ସୁନ୍ଦରି ।
ଚଲ ଏବେ ମୋହୋର ବଚନ ହେତୁ କର ଯେ । ୨୯ ।

ନବୀନ ପଲ୍ଲବ ଶଯ୍ୟା ସୁବେଶ କରଣ ।
ତୋର ଆଶେ ବସିଅଛି ରାଜୀବ ଲୋଚନ ଗୋ । ୩୦ ।
ତହିଁ ଯାଇଁ ପ୍ରବେଶ ହୋଇବୁ ଯେତେବେଳେ ।
କୃଷ୍ଣଙ୍କୁ ଦେଖିଣ ତୁ ମଞ୍ଜୁ କାମ ଭୋଳେ ଗୋ । ୩୧ ।
ଏ ତୋହୋର ମେଖଳା ବସନ ଦୂର କରି ।
ଘଟଣ ଜଘନ ଘନ ସମର୍ପିବୁ ହରି ଗୋ । ୩୨ ।
ତୋତେ ଦେଖି ହରଷ ହୋଇବ କୃଷ୍ଣ ମନ ।
ନିସ୍ୱ ପ୍ରାପତ ଯେହ୍ନେ ଦରିଦ୍ର ଦର୍ଶନ ଗୋ । ୩୩ ।
ହରିବ ତୋହୋର ମାନ ଜଗତ ଜୀବନ ।
ରଜନୀ ପ୍ରବେଶେ ଦିନ ହୋଇଅଛି କ୍ଷୀଣ ଗୋ । ୩୪ ।
ମୋହୋର ବଚନ କର ବେଗେ ସଜ ହୁଅ ।
ମଧୁରିପୁ ମନୋରଥ ବାଞ୍ଛା ତୁ ପୁରାଅ ଗୋ । ୩୫ ।
ଏ ତୋହୋର ପତି ଅତି ଦୁଃଖେ କହିଁ ଅଛି ।
ନାସା ଅଗ୍ରେ କେବଳ ନିଃଶ୍ୱାସ ବହୁଅଛି ଯେ । ୩୬ ।
କ୍ଷଣେ ମୂର୍ଚ୍ଛି ଯାଇ କ୍ଷଣେ ହୁଅଇ ସଚେତ ।
କ୍ଷଣେ କୁଞ୍ଜ ଗୃହେ ପଶି ଗୃହାଇଂ ଚକିତ ଯେ । ୩୭ ।
ମଧୁକର ବାଣୀ ତାକୁ ହୁତାଶନ ପ୍ରାୟେ ।
କ୍ଷଣକେ ପଲ୍ଲବ ଶଯ୍ୟା କରଇ ଉପାୟେ ଗୋ । ୩୮ ।
ଆକୁଳ ହୋଇଣ ପୁଣ ପୁଣି ଯାଇ ମୋହ ।
ମଦନ ଦହନ କରିଅଛି ତାର ଦେହ ଯେ । ୩୯ ।
ତୋହୋରେ ଲୋଚେକ ତାର ବହେ ନିରନ୍ତର ।
ସମ୍ପୂର୍ଣ୍ଣି କି ମଧୁଫେଣା ବହେ ଝର ଝର ଗୋ । ୪୦ ।
ଦେଖିଣ ଦିବସ ନାଥ ବେଗେ ଅସ୍ତ ଗଲା ।
ଗୋବିନ୍ଦ ବେଦନା ଅର୍ଥେ ରଜନୀ ହୋଇଲା ଯେ । ୪୧ ।
ଚକ୍ରବାକ ବିଚ୍ଛେଦ କାରଣ ଅତି ଭିବ ।
ମୋହୋର ପ୍ରାର୍ଥନା ତୋତେ କଲା ସେହି ଭିବ ଯେ । ୪୨ ।
ଶୁଣ ତୁ ସୁନ୍ଦରୀ ଏତେ ବିଲମ୍ବେ କି ଫଳ ।
ରମ୍ୟ ସ୍ଥାନେ ଅଭିସାର କର ଏହୁ କାଳ ଗୋ । ୪୩ ।
ବୋଲଇ ସଜନୀ ଏକ ଦିନେ ନିଶା ଘୋରେ ।
ଗୃହର କୁଳଟା ବାମା ଅଭିସାର କରେ ଗୋ । ୪୪ ।

ତାହାର ବଲ୍ଲଭ ପର ରମଣୀର ଆଶେ ।
ସଙ୍କେତ ସ୍ଥାନକୁ ସେହୁ ଗମଇ ହରଷେ ଯେ । ୪୫ ।
ନିବିଡ଼ ଅନ୍ଧାର ବେନି ଭେଟ ହୋଏ ଭ୍ରମି ।
ନିଜ ପତି ପତ୍ନୀ ବୋଲି ନ ପାଉଲେ ଚିହ୍ନି ଗୋ । ୪୬ ।
ତାହାର ପାଇଁ ଗମିଲେ ତାଙ୍କୁ ପ୍ରାୟେ ମଣି
କରନ୍ତି ବିବିଧ ରସ କ୍ରୀଡ଼ା ପଉ ମାଣି ଯେ । ୪୭ ।
ଭୁଜେ ଭିଡ଼ି ଆଲିଙ୍ଗନ ବଦନେ ଚୁମ୍ବନ ।
କଠିଣ କୁଚରେ ତୀକ୍ଷ୍ଣ ନଖ କ୍ଷତମାନ ଯେ । ୪୮ ।
ବଢ଼ିଲା ସୁରତ ସେ ଭାସନ୍ତି ମୃଦୁ ରସ ।
ଜାଣି ଲଜ୍ଜା ଯାଇଲେ ସେ ରତି ଅବଶେଷ ଯେ । ୪୯ ।
ସାହିତ୍ୟ ବିକାରେ କିଛି ନ ଜାଣନ୍ତି କେହି ।
ଗାଢ଼େଣ ସୁରତ ରସ ଆରମ୍ଭିଲେ ତହିଁ ଯେ । ୫୦ ।
ତେସନ ପ୍ରାୟେକ ଏହୁ ହୋଇଛୁ ରଜନୀ ।
ହରି ପାଶେ ଅଭିସାର କର ତୁ ମିତଣି ଗୋ । ୫୧ ।
ସଭୟ ଚକିତ ଦୂର କର ତୋର ମନ ।
ଗହନ ତମିର ପଥେ କରସି ଗମନ ଗୋ । ୫୨ ।
ତରୁତଳେ କ୍ଷଣେ କ୍ଷଣେ ବିଶ୍ରାମ କରିବୁ ।
ସନ୍ଥରେ ସନ୍ଥରେ କୁଞ୍ଜ ସଦନେ ମିଳିବୁ ଗୋ । ୫୩ ।
ଶୁଭ ଯୋଗେ ସୁମୁଖି କରସି ଅନୁକୁଳ ।
ଏ ମୋର ବଚନ ସଖି ନ କରସି ହେଳ ଗୋ । ୫୪ ।
ଅନଙ୍ଗ ତରଙ୍ଗେ ତୋର ତରଳିବ ତନୁ ।
କୃତାର୍ଥ ହୋଇବ ତୋତେ ଦେଖି ନନ୍ଦ ସୁନୁ ଗୋ । ୫୫ ।
ଶୁଣହେ ସୁଜନେ ମନେ ସାବଧାନ ହୋଇ ।
କୃଷ୍ଣର ବିରହ ଦୂତୀ ରାଧା ଆଗେ କହି ଯେ । ୫୬ ।
ବୁଝିବଲେ ଯେତେକ ସେ କହିଲା ମଣାଇ ।
ଶୁଣି ଚନ୍ଦ୍ରବଦନୀ ଭୂମିକି ଦୃଷ୍ଟି ଦେଇ ଯେ । ୫୭ ।
କୃଷ୍ଣ କ୍ରୀଡ଼ା ରସ ଏ ବିରସ ତାପ ଗଞ୍ଜେ ।
ସପ୍ତମ ଛାନ୍ଦ ଏହୁ ରସିକ ମନ ରଞ୍ଜେ ଯେ । ୫୮ ।
ନୀରଜ ନୟନୀ ନୀରନିଧି ସୁତା ପତି ।
ପାଦଅର ବିନ୍ଦ ଲୋଭେ ମକରନ୍ଦ ମତ ଯେ । ୫୯ ।

ମଧୁକର ଯେସନେ ଧରଣୀଧର ମଡ ।
ହରର ଶରଣ ବନୁ ନାହିଁ ଆନ ଗଡ ଯେ । ୭୦ ।
ଇଡ ଶ୍ରୀଗୀଡ ଗୋବନେ ଧରଣୀଧର ବର୍ଣିନେ ନାମ ପଞ୍ଚମଃ ସର୍ଗଃ ।

ଅଷ୍ଟମ ଛନ୍ଦ ।

ରାଗ ମଙ୍ଗଲ ।

ରାଧିକାଙ୍କୁ ବୁଝାଇ ଚଳଇ ସହଚରୀ ।
ମିଳିଲା ଗୋବନ୍ଦ ପାସେ ସଙ୍ଗୀ ସହଚରୀ । ୧ ।
ଶୁଣ ଭୁ ମାଧବ ରାଧା ଅଛହିଂ ବରହୀ ।
ତୋର ପାସେ ଆସିବାକୁ ଅଶକତ ଦେହୀ । ୨ ।
ଚିରକାଳୁଁ ତୋହୋରେ ଅନୁରାଗି ତରୁଣୀ ।
ତୋହୋର ଚରଣମାନ କଣି ଦବା ଗୁଣି । ୩ ।
ମନ୍ଦ ମନସିଜ ତାର ଦହଇ ସେ ମନ ।
ଲତା ଗୃହେ ଦେଖିଲ ମୁ ତନୁ ଅତ କ୍ଷୀଣ । ୪ ।
ବସିଣ ଗୃହାଇଂ ସଖୀ ସେ ସକଳ ଦଶ ।
ତୋହୋର ମଧୁରାଧର ପାନେ ପ୍ରତ ଆସ । ୫ ।
ବଷାଦ କୁଞ୍ଜ ସଦନେ ରାଧିକା ସୁନ୍ଦରୀ ।
ଜଗତର ନାଥ ପ୍ରଭୁ ଶୁଣ ଦେବ ହର । ୬ ।
ତୋହୋରେ ଶରଣ ବୋଲି ଉଠଇ ହର୍ଷରେ ।
ଚରଣେ ଚଳି ନ ପାର ପଡଇ ଭୂମିରେ । ୭ ।
ତବ ରତ ରସ ଆସେ ଜୀବନ ସେ ଧର ।
କମଳ ମୃନାଳ ବର ବଳୟକୁ କର । ୮ ।
ଭୂଷଣ ହୋଇ ତନୁକୁ ଗୃହେଂ ଅଙ୍ଗନା ।
ମଧୁ ରିପୁ ଆଇରଣେ ଏହ ଭାବ ସିନା । ୯ ।
ବଗୃରଇ ଏସଙ୍କେତ ସ୍ଥାନକୁ ମୁରାର ।
ନଇଲା ହ୍ୱରତେ ସେହୁ କେବଣ ବଚାର । ୧୦ ।
ଏତେ ବୋଲି ଚିତ୍ତ ସ୍ଥିର କରଣ ସୁନ୍ଦରୀ ।
ବାରେ ବାରେ ସ୍ମୁମରଇ ହର ହର କର । ୧୧ ।

ଗହନ ତିମିର କୁଞ୍ଜ ଭୁବନକୁ ଦେଖି ।
ଜଳଧର ମେଘ କ ଏ ସଖା ଉପଲେଖି । ୧୨ ।
ଚୋର ରୂପ ବୋଲି ସେହୁ କରଇ ସେ କୋଳ ।
ଶୂନ୍ୟକୁ ଚୁମ୍ବନ ଦେଇ ହୁଅଇ ସେ ଭୋଳ । ୧୩ ।
ଏ ଚୋର ଗମନ ହଉ ବଲମ୍ବକୁ ଦେଖି ।
ଲଜ୍ଜା ଛାଡି ବଲାପ ରୋଦନ କରେ ସଖୀ । ୧୪ ।
ବିପୁଳ ପୁଲକ ଘନ କପୋଳ ଯାହାର ।
ଅନ୍ତରେ ଜଡିତ ଶୀତ ସାତ୍ତ୍ୱିକ୍ୟ ବକାର । ୧୫ ।
ବ୍ୟାକୁଳ ହୋଇଣ ବାଣୀ ନ ପାରଇ କହି ।
ମନସିଜ ଚିନ୍ତା ତାପ କେସନେକ ସହି । ୧୬ ।
ବୁଡିଲା ମଦନ ସିନ୍ଧୁରେ ଶିଶୁ ମୃଗାକ୍ଷୀ ।
ଶୁଣ ଧୂର୍ତ୍ତ ତୋତେ ମାତ୍ର ଧ୍ୟାନ କରୁଅଛି । ୧୭ ।
ନାନା ଅଲଙ୍କାରେ ଅଙ୍ଗେ ଭୂଷିତ ହୋଇଂ ।
ପବନ ଚଳିଲେ ପତ୍ର ଚତୁର୍ଦିଗେ ଚାହିଁ । ୧୮ ।
ତୋହୋର ଆଗତ ପ୍ରାପ୍ତେ ମଣଇ ସେ ସତ୍ୟ ।
କାମ ଶଯ୍ୟା ବସିଣ ବହୁତ ବେଳ ଧ୍ୟାଇ । ୧୯ ।
କଳ୍ପଣା କଲ୍ପକ ମନେ ଅତି ସୁହରଷେ ।
ଶଯ୍ୟା ନର୍ଭା କଲା ନଶ୍ଚେଂ ତବ କେଳି ଆଶେ । ୨୦ ।
ଯହୁଂ ତୋତେ ନ ଦେଖିଲା ସେ କମଳ ମୁଖୀ ।
କ୍ଷୋଭ ହେଲା କାମ ଶରେ ତନୁ ଅତି ଦୁଃଖୀ । ୨୧ ।
ଏସନ ପ୍ରକାରେ କଣୀ କଥଇ ସଜନୀ ।
ତାଂରେ ଏଡ଼ି କର ନାଥ ମୋ ବଚନ୍ତୁ ଘେନ । ୨୨ ।
ଶୁଣହେ ସୁଜନେ ମନ କରଣ ସୁସ୍ଥିର ।
ତାପ ତମିରକ ହର ରସ ଶଶଧର । ୨୩ ।
ରାଧାର ଚରିତ୍ରମାନ ଗୋବିନ୍ଦଙ୍କ ଆଗେ ।
କହଇ ସଜନୀ ସେ ମଧୁର ମୃଦୁ ଭାଗେ । ୨୪ ।
କୃଷ୍ଣ କ୍ରୀଡା ରସ ଏହୁ ଅଷ୍ଟମ ସୁଛନ୍ଦ ।
ଧରଣୀଧରର ଶିରେ ମୁକୁନ୍ଦଙ୍କ ପାଦ । ୨୫ ।

ଇତି ଶ୍ରୀଗୀତ ଗୋବନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ଷଷ୍ଠ ସର୍ଗଃ ।

26

ନବମ ଛନ୍ଦଃ ।

ରାଗ ଚିନ୍ତାଭୈରବ ।

ଏଥୁ ଅନନ୍ତରେ ଶୁଣ ରସ । ସଖୀ ଯେସି ଗୋବିନ୍ଦର ପାସଁ ।
ଏକାକୀ ହୋଇଣ ଘୋର ଅରଣ୍ୟରେ କଣି ଅନ୍ଧାରେ ନାହିଂଶ ଶ୍ୱାସ ସେ ।
ସୁନ୍ଦରୀ । ୧ ।
ଚିର ଅକୁଳ ବିରହ ଭାର । ଭନୁପୁରୁଛି ମଦନ ଜ୍ୱର ।
କପୋଲ ତଳେ ପଦ୍ମିଂ କର ଦେଇ ସେ ବସୁଅଛି ଅତି ଶୋକ ଭର ସେ ।
ସୁନ୍ଦରୀ । ୨ ।
ଏସନେକ ସମୟରେ ତହିଂ । ଉଦେ ହୋଇଣ ରଜନୀ ସାଇଂ ।
ଅଭିସାର ପଥ ନିରୋଧିଲା ଯହିଂ ତିଥି ଦୋଷେଣ କଳଙ୍କ ବହିଂ ସେ ।
ଚନ୍ଦ୍ରମା । ୩ ।
ତାର ଦୀପ୍ତି କିରଣ ଆଭିସେ । ବୃନ୍ଦାବନ ସୁନ୍ଦର ପ୍ରକାଶେ ।
ପୂର୍ବ ଦିଗେ ନାରୀ ବଦନ ତିଲକ କର୍ପୂର ଚନ୍ଦନ ବିନ୍ଦୁ ପ୍ରକାଶେ ସେ ।
ସୁନ୍ଦରୀ । ୪ ।
ଯହିଂ ଶଶି ବିମ୍ବ ପ୍ରସରିଲା । ରାଧା ତାପ ସିନ୍ଧୁ ଉଚ୍ଛୁଳିଲା ।
ବିଳମ୍ବ ଦେଖି ସେ ମାଧବ ଆଗମ ନାନା ପ୍ରକାରେ ବିଳାପ କଲା ସେ ।
ସୁନ୍ଦରୀ । ୫ ।
ବୋଲେ କଷ୍ଟ ମୋ ନିଶ୍ଚେଂ ହୋଇଲା । ଯହିଂ ହରି କେବେହେଁ ନଇଲା
ଯୁବା ବୟସ ଏରୂପ ଯଉବନ ମୋର ସକଳ ବିଫଳ ହେଲା ହେ ।
ଦଇବ । ୬ ।
ମୁହିଂ କାହାରେ ଶରଣ ଯିବି । କାମ ଶର କେସନେ ସହିବି ।
ଇନ୍ଦ୍ରିଲା ମୋହୋରେ ସଖୀ ସହଚରୀ ଆଉ କାହାକୁ କିସ କହିବି ହେ ।
ଦଇବ । ୭ ।
ଯାହା ପାଇଂ ଅଇଲି ଏବନ । କଣୀ ତମିର ଅତି ଗହନ ।
ସେ କୃଷ୍ଣ ବିନୁ ସେ ହୃଦୟ ମୋହୋର କାମ ଶର ବିନ୍ଧେ ଅନୁକ୍ଷଣ ହେ ।
ଦଇବ । ୮ ।
ଏହି ବିଅର୍ଥ ସଙ୍କେତ ସ୍ଥାନ । କରୁଅଛଇ ଚିତ୍ତ ଦହନ ।
ସହି ନ ପାରଇଂ ବିରହ ଅନଳ ସୁଖ ହୋଇବ ଗଲେ ଜୀବନ ହେ ।
ଦଇବ । ୯ ।

ଅତି ଦୁଃଖ ଏଭୂଷଣମାନ । ଚଳଦ୍ମୃାଦ ରତ୍ନ ମଣିଗଣ ।
ହୁର ବରହେ ଏବହ୍ନିର ସମାନ ବହି ନ ପାରଇଂ ଏକ କ୍ଷଣ ହେ ।
ଦଇବ । ୧୦ ।
ମଧ୍ୟ ଜାମିନୀ ଚନ୍ଦ୍ର କିରଣ । ମୋତେ ଦୁଃଖ ଦେଇ ନାରାୟଣ ।
କେବଣ କାମିନୀ ପୁଣ ଗୁଣବତୀ ହିତ ତାଙ୍କୁ ଲେ କଲେ ରମଣ ହେ ।
ଦଇବ । ୧୧ ।
ତନୁ କୁସୁମହୁଂ ସୁକୁମାର । ପୀଡ଼ା କରୁଛି ମଦନ ଜ୍ୱର ।
ପୁଷ୍ପମାଳା ହୃଦେ ବହି ନ ପାରଇଂ ମନ ବିଚ୍ଛିନ୍ନ ଅତି ମୋହୋର ହେ ।
ଦଇବ । ୧୨ ।
ବସି ନ ପାରଇଂ ଏହୁ ବନ । ଦେଖି ଲତା ଗୃହେ ଗୃହ ସ୍ଥାନ ।
ଶୁମରଣ ମଧୁସୂଦନକୁ ମନେ ମୋର ହେଉଛି ଚିତ୍ତ ଦହନ ହେ ।
ଦଇବ । ୧୩ ।
ଯେବେ ନିଶ୍ଚୟେ ନଇଲେ ହରି । ମୁହିଂ ଜାଣୁଅଛୁଂ ହେତୁ କରି ।
କେବଣ କାମିନୀ ସଙ୍ଗତରେ ଅବା କେଳି କରଣ ଅଛୁ ମୁରାରି ହେ ।
ଦଇବ । ୧୪ ।
ଅବା ପ୍ରିତି ବନ୍ଧୁ ଜନମାନ । ଆସିବାକୁ କଲେ ବରୋଧନ ।
ନୋହିଲେ ଅବା ଅନ୍ଧକାରେ ଆସନ୍ତେ ପଥ ଭ୍ରମିଣ ବୁଲୁଛି ବନ ସେ ।
ମାଧବ । ୧୫ ।
ଅବା ତନୁ ଅଶକତ ହୋଇ । ଚାଲି ଆସିବାକୁ ନ ପାରଇ ।
ନୋହିଲେ ସଙ୍କେତ କୁଞ୍ଜଲତା ଗୃହେ ହରି ନଇଲେ ଏକସ ପାଇଂ ହେ ।
ଦଇବ । ୧୬ ।
ଏଥୁ ଅନନ୍ତରେ ସହଚରୀ । କୃଷ୍ଣ ସନ୍ନିଧିରୁଂ ସେ ଚତୁରୀ ।
ରାଧାର ବିରହ ଅତି ଦୁଃଖ ଦେଖି ମନେ ବିଷାଦ ଅଛଇ ପୁରି ସେ ।
ଚତୁରୀ । ୧୭ ।
ଆସି ମିଳିଲା ସଖୀର ପାଶ । ରାଧା ଦେଖିଲା ଅତି ବିରସ ।
ମନେ ବିଚାରିଲା ମାଧବ ନଇଲା ଆନ ଯୁବତୀ କଲା ବିଳାସ ସେ ।
ଶ୍ରୀହରି । ୧୮ ।
କୃଷ୍ଣ କ୍ରୀଡ଼ା ଦେଖିଲାର ପ୍ରାୟେ । ସଖୀ ଅଗ୍ରତେ ବଚନ କହେ ।
ଯେବଣ ଯୁବତୀ ରମିଲା ଶ୍ରୀପତି ତାର ଗୁଣ ଅବଶେଷ ନୋହେ ଗୋ ।
ସଜନି । ୧୯ ।

ସେ ଯେ ମଦନ ସମ ରେ ବାମା । ଅତି ବେଶ ନ ତାର ଉପାମା ।
ରତିର ସ୍ୱେଦରେ ମୁକୁଳ କବରୀ ଖସି ପଡୁଛୁ କୁସୁମ ସୀମା ଗୋ ।
ସଜନ । ୧୦ ।
ହର ଆଲିଙ୍ଗନେ ମତି ତାର । ହୋଇ ଅଛନ୍ତି ଅତି ବିକାର ।
କୁଚ କଲସ ଉପରେଣ ଶୋଭିତ ଚଳେ ତରଳ ମୁକୁତା ହାର ଗୋ ।
ସଜନ । ୧୧ ।
ତାର ଚଳନ୍ତେ ଅଳକା ପନ୍ତି । ମୁଖ ଲାବନ୍ୟ ଚନ୍ଦ୍ରମା କାନ୍ତି ।
ଅଧର ପାନ କରନ୍ତେଣ ଶ୍ରୀପତି ଅତି ସୁକତ ବଦନ କାନ୍ତି ଗୋ ।
ସଜନ । ୧୨ ।
ବିପରୀତ ରତି ରଙ୍ଗକାଳେ । ଲୋଳେ କୁଣ୍ଡଳ ଗଣ୍ଡ ଯୁଗଳେ ।
କଟି ମେଖଳା କିଙ୍କିଣୀ ଧ୍ୱନି କରେ ଯହୁଂ ଯଘନ ଗତି ଚଞ୍ଚଳେ ଗୋ ।
ସଜନ । ୧୩ ।
ରତି ରସରେ ରସିଲା ବାଳା । ନାନା ପ୍ରକାରେ ଚାହିଁ କହିଲା ।
ଚାହିଂଲା ଯହୁଂ କୃଷ୍ଣର ବଦନକୁ ଦ୍ରହସିତେ ସଲଜ୍ଜ ହୋଇଲା ସେ ।
କାମିନୀ । ୧୪ ।
ଅତି ଜଘନ ପୁଲକ ତାର । କମ୍ପମାନ ହୋଇଲା ଶରୀର ।
ନିଶ୍ୱାସ ମରୁତ ଛୁଡଇ ଦ୍ୱିରତି କ ସେ ପ୍ରକାଶ କରୁଛୁ ମାର ଗୋ ।
ସଜନ । ୧୫ ।
ଶ୍ରମ ଜଳ ଝୋପିମାନ ତାର । ଏଣେ ଶୋଭିତ ଯୌବନ ଭାର ।
ପଡେ ସ୍ୱେଦ ଧାର କୃଷ୍ଣ ହୃଦପୃର ରତି ରସକୁ ଅତି ନିର୍ଭର ଗୋ ।
ସଜନ । ୧୬ ।
ମୋର ଚେତନା ହରୁଛୁ ସଖି । ମୁହିଁ ନ ପାରଇଂ ବଧୁ ଦେଖି ।
ମଦନ ସଖା ଏନିର୍ଦ୍ଦୟ ଅଟଇ ହୃଦ ପୀଡିତ ହୋଇଛୁ ଦୁଃଖୀ ଗୋ ।
ସଜନ । ୧୭ ।
ଦେଖ ସଖି ଏହୁ ଶଶଧର । ଦୁତି କୃଷ୍ଣ ବଦନ ଆକାର ।
ବିରହେ ଯେହ୍ନେ ପାଣ୍ଡୁର ବର୍ଣ୍ଣ ହୋଯ୍ୟେ ଚନ୍ଦ୍ର ଦିଶଇ ସେହି ଆକାର ଗୋ ।
ସଜନ । ୧୮ ।
ଶୁଣ ସୁଜନେ ହୋଇଣ ତୋଷ । ହରି ଚରିତ୍ର ଏସୁଧା ରସ ।
ବିରହ ଜ୍ୱରେ ସରଦ ଚନ୍ଦ୍ରମୁଖୀ କହେ ସଖୀଙ୍କ ବସାଇ ପାଶ ହେ ।
ସୁଜନେ । ୧୯ ।

କୃଷ୍ଣ କୁତୁହଳ ରସ ଗୀତ । ଏହୁ ନବମ ଛନ୍ଦ ଉଚିତ ।
ସଖୀ ପଢ ପାଦ ନବ ପୁଣ୍ଡରୀକ ଭାବେ ଧରଣୀଧର ସୁଚିତ୍ତ ହେ ।
ସୁଜନେ । ୩୦ ।

ଦଶମ ଛନ୍ଦଃ ।

ରାଗ କାଳୀ ।

ଏଥୁ ଅନ୍ତେଣ ସୁଜନେ ଶୁଣ ଅମିୟ ରସ ବାଣୀ ।
ସଖୀ କ ରାଧା ବିରହ ବାଧା କହଇ ପୁଣ ପୁଣି । ୧ ।
ଯମୁନା ତୀରେ କୁଞ୍ଜ ବନରେ ବିଜୟେ କରି ହରି ।
ରମଣ କଲେ ଯେବଣ ବାଳା ଅତି ସରାଗ କରି । ୨ ।
ସୁରତ ଶେଷେ ମଦନ ରସେ ରମଣୀ ବଦନର ।
ଚୁମ୍ବନ ଦେବ ବୋଲି ମାଧବ ବଳି ଅଛୁ ଅଧର । ୩ ।
ଅଳକା ସଜ କରି ତିଳକ କସ୍ତୁରୀ କରମାଣି ।
କି ଏ ସମ୍ପୂର୍ଣ୍ଣ ଚନ୍ଦ୍ର ଉପରେ କନକ ପ୍ରାୟେ ମଣି । ୪ ।
ଅସିତ ଘନ ପଟଳ ଚିକୁର ଶୋଭା ତାର ।
ଚଉଦ ଶୁଭ୍ର ଶୁସଞ୍ଚ କରି ରାମା କବରୀ ଭାର । ୫ ।
ସୁରଚି କୁସୁମରେଣ ଗଭା ମଣ୍ଡିଛୁ ପନ୍ତି ପନ୍ତି ।
ଯେସନେ ଶ୍ୟାମ ଜଳଧରେଣ ତଡିତ ଲତା ଭାନ୍ତି । ୬ ।
ଜାଣି ମଦନ କୁରଙ୍ଗ ବନ ପ୍ରାୟେକ ଶୋଭା କ ସେ ।
ନିର୍ମଳତର ବଦନ ତାର ଲାବଣ୍ୟ ରଚି ଦଶେ । ୭ ।
ଦେଖିଲେ ଅତି ତରଳ ମତ ହୋଇବେ ଯୁବା ଜନ ।
କୃଷ୍ଣ ଯାହାକୁ ରମେ ତାହାକୁ ସମାନ୍ୟ ନାହିଂ ଆନ । ୮ ।
କଠିଣ ଉଚ୍ଚ ସଘନ କୁଚ ଲେପିଲା ମୃଗ ମଦ ।
କି ଏ ଗଗଣ ମଣ୍ଡଳ ଉଦେ ହୋଇଛି ନୀଳ ଜଳଦ । ୯ ।
ତହିଁ ଶୋଭନ ନଖ ରକ୍ଷତ ନବୀନ ଇନ୍ଦୁ ରାଜେ ।
ଅମଳ ମଣି ମୁକୁତା ହାର ତାରା ମଣ୍ଡଳ ସାଜେ । ୧୦ ।
ଜିଣି ମୃଣାଳ ମୃଦୁ କୋମଳ ବାହୁ ଯୁଗଳ କ ସେ ।
ନବୀନ ବିକସିତ ସରୋଜ କର ତଳ ଆଭା ସେ । ୧୧ ।

ମୁକୁତ ମଣି କିଙ୍କିଣୀ ଜାଣି ଭୂଷଣ ମାଳା ସାଜେ ।
ହିମନ୍ତୁଂ ଅତି ଶୀତଳତର ହରଷେ ହର ଗଞ୍ଜେ ।୧୨।
ରତି ସଦନ ଘନ ଜଘନ ବିପୁଳ ଅତି ପ୍ରଭା ।
ମଦନ ଶ୍ରେୟେ ଆସନ କି ଏ ଜମ୍ବୁ ନଦର ଆଭା ।୧୩।
ତଡିତ ମଣି ହେମ କିଙ୍କିଣୀ ମେଖଳା କଟିଦେଶେ ।
ଝଙ୍କିଲା ହଇ ମନେ ବଢ଼ଇ ଆହ୍ଲାଦ ହିନ ବାସେ ।୧୪।
ଚରଣ ନବ ପଲ୍ଲବ ଶ୍ରମା ଲାବଣ୍ୟ ଶିରି ସ୍ଥାନ ।
ନଖ ନିର୍ମଳ ଅମଳ ମଣିଗଣ ଜ୍ୟୋତି ସମାନ ।୧୫।
ସେ ପାଦକେନ ଶ୍ରୀହରି ଧେନ ହୃଦୟ ତଟେ ନେଇ ।
କରେ ସୁରସ ମନେ ଉଲ୍ଲାସ ରଞ୍ଜିତ ରଙ୍ଗ ଦେଇ ।୧୬।
ନିଶ୍ଚୟେ ଧ୍ୟାନ କରଣ ମନ ରମ୍ଭଛ ଯାକୁ ଯେନ ।
ଧନ୍ୟ କାମିନୀ ରମଣୀ ମଣି ମୋହିନୀ ସୁଲୋଚନୀ ।୧୭।
କହ ସଜନ ବଚନ ଯେନ ସାନୁଜ ହଳଧର ।
ବିଫଳେ କେକେଂ ବସିଲୁ ଲତା ଗହନ ତରୁତଳ ।୧୮।
ନଇଲା ସଖି ଯେବେ ନିର୍ଦ୍ଦୟ ମାୟାବୀ ମଧୁହାସ୍ତ୍ରୀ ।
ବିଅର୍ଥେ କେକେଂ ଦୂଷଣ ତୋତେ କରବି ସହଚରି ।୧୯।
ସୁଟଖଣ ଅତି ପ୍ରୀତି ରସରେ ରମିଣ ଗୋପୀ କାନ୍ତ ।
ତାହାର ସ୍ନେହ ଗୁଣ ଭରେଣ ଯାଉଛୁ ମୋର ଚିତ୍ତ ।୨୦।
ଯେବଣ ବାଳୀ ଶ୍ରୀବନମାଳୀ କରଇ କେଳି ରସ ।
ମଧୁ ପବନ ଦହନ୍ତେ ଘନ ନ ପାଇଲା ସେ ପ୍ରାଶ ।୨୧।
ନବ ପଲ୍ଲବ ଶଯ୍ୟା ଉପରେ କୁବଳୟ ନୟନୀ ।
ନପ୍ରାଣ ହୋଇ ମୂର୍ଚ୍ଛ ନ ଯାଇ ଥାଇ ନ ଶୁଭେ ଧ୍ୱନି ।୨୨।
ନବ ବିକଚ ନଳିଣ ସଞ୍ଚି ଲାବଣ୍ୟ ଶୋଭା ମୁଖ ।
ଯେବଣ ଶ୍ରମା ରମିଲା ସେହୁ ନାହିଂ ତାହାରେ ଦୁଃଖ ।୨୩।
ମନସିଜର କଠିଣ ଶର ନ ବାଧଇ ତା ଅଙ୍ଗ ।
ଧନ୍ୟ ସେ ବାମା ଅତି ଉପାମା ପାଇଲା ଅଙ୍ଗ ସଙ୍ଗ ।୨୪।
ଅମିୟ ମୃଦୁ ମଧୁର ତାର ବଚନ ପଦ୍ମଂ ପାଣି ।
ରମିଲା ଯହୁଂ ନାଗରୀ ନାରୀ ତରୁଣୀ ରତ୍ନ ମଣି ।୨୫।
ଚନ୍ଦନ ଘନ କଲେ ଲେପନ ନ ତାପଇ ତା କାୟେ ।
କୃଷ୍ଣର କର କମଳ ଲାଗି ଶୀତଳ କାହିଂ ନୋହେ ।୨୬।

ଅମଳ ସ୍ଥଳ କମଳ ଶୋଭା କର ଚରଣ ଯାର ।
ସେ ହରି ଯାଙ୍କୁ ରମଣ କରେ ଖେଦ ନାହିଂନା ତାର । ୨୭ ।
ହିମକରର କିରଣେ ତନୁ ନ ଦହଇ ତାହାର ।
ମୋହୋର ପ୍ରାୟେ ହୋଇଣ କାୟେ ନ ଲୁଠେ ତା ଭୂମିର । ୨୮ ।
ସଜଳ ଜଳଧର ସୁନ୍ଦର ଯେବଣ ନରହରି ।
ତାହାଙ୍କୁ ଯେନ ଯେଉଂ କାମିନୀ ରତି ବିନୋଦ କରି । ୨୯ ।
ବିରହ ଜ୍ୱର ବାଧା ତାହାର ନାହିଂନା ଆନ କଷ୍ଟ ।
ହୃଦୟ ଜଳୀ ଅତି ବିକଳୀ ନୁହଇନା ମୃଗାକ୍ଷୀ । ୩୦ ।
ଦହି କନକ ପ୍ରାୟେକ ସଖୀ ବସନ କାନ୍ତି ଯାର ।
ସେ ମଧୁରିପୁ ରମେ ଯାହାଙ୍କୁ ମହିଂମା ଅଛି ତାର । ୩୧ ।
ସଖୀ ଜନେକ ହସିଲା ଯହିଂ ତାପ ନ ପାଇଲା କା ।
ଶ୍ୱାସ ପବନ ଛାଡନ୍ତେ ଯନ ନୋହିଲା ବିମନା । ୩୨ ।
ସର୍ବ ଭୁବନେ ଯେତେକ ଜନ ଯୁବା ପୁରୁଷମାନ ।
ସବୁରି ବର ସେ ବେଣୁଧର ସମାନ ନାହିଂ ଆନ । ୩୩ ।
ତାହାର ସଙ୍ଗ କ୍ରୀଡାର ରଙ୍ଗ କଲାକ ଯେହୁ ନାରୀ ।
ନବହିଇନା ମନେ ବେଦନା କାହ୍ନଣ ଭରେ କହି । ୩୪ ।
ଶୁଣ ଚନ୍ଦନ ସମିର ମୋର ଅତି ବିନୟ ଯେନ ।
ମନସିଜର ଆନନ୍ଦ କର ହୁଅସି ପରସନ୍ନ । ୩୫ ।
ଛାଡସି ବନ୍ଧ ଭାବ ତୋହୋର ଚିତ୍ତେ ନଧର ତମ ।
ଜଗତ ଖ୍ୟାତ ଦକ୍ଷିଣ ବାତ ମୋହୋରେ କଙ୍କେଁ ବାମ । ୩୬ ।
କ୍ଷଣମାତ୍ରକେ ମୋହୋ ଅଗତ ମାଧବ ବେଗେ ଆଣ ।
ପଛେ ତୋହୋର ଯେମନ୍ତ ଇଚ୍ଛା ଯେନସି ମୋର ପ୍ରାଣ । ୩୭ ।
ଜଗତ ଜନ ଜୀବନ ତୁ ମୋ ସବୁରି ହୃଦେ ଥାଉ ।
ଏମୋର ଅତି ବିରହ ଗତି କୃଷ୍ଣଙ୍କୁ କ ନ କହୁ । ୩୮ ।
ଶୁଣ ସଜନୀ କହିଇଂ ବାଣୀ ଏବନ ଗୃହ ଯେତେ ।
ହରି ବିରହେ ଉପୁର ପ୍ରାୟେ ଦଶଇ ଜାଣ ମୋତେ । ୩୯ ।
ହିମ ଶିଶିର ବହନ୍ତେ ଧୀର ଅନଳ ଶିଖା ଜାଣି ।
ଶୁଧା କିରଣ ଅତି ତୀକ୍ଷଣ ଗରଳ ପ୍ରାୟେ ମଣି । ୪୦ ।
ଅତି ଉଲ୍ଲତ ଏମନୋରଥ ନୋହିଲ ନିବାରଣ ।
ଦୁର୍ଣ୍ଣିଯ୍ୟ କରି ମନ ମୋହୋର ଦହୁଣ ଅଛୁପ୍ରାଣ । ୪୧ ।

ନିଷ୍ଠୁର ମତ ସେ ଗୋପୀପତି ନିର୍ଦ୍ଦୟ ହୃଦ ଯାର ।
ତାର ତହିଁକି ବଳେଣ ଚିତ୍ତ ନେଉଛି ଧରି ମୋର । ୪୨ ।
ପାଇଣ ତ୍ରାସ ପ୍ରାଣେ ନିଶ୍ୱାସ ବୋଲେ ରମଣୀ ବର ।
ଶୁଣ ମଳୟ ସମୀର ତନୁ ଦହନ କର ମୋର । ୪୩ ।
ମୀନକେତନ ପଞ୍ଚମ ବାଣ ମାରି ଜୀବନ ନାଶ ।
ଯେମନ୍ତେ ମୋର ପୁଣ ଗମନ ନୁହଇ ନିଜ ବାସ । ୪୪ ।
କିବେଁ ସମାନ ଭଗ୍ନୀ କାଳିନ୍ଦୀ ଦୟା ତୋହୋର ଏତେ ।
ତରଙ୍ଗ ତର ସିଞ୍ଚିଣ ନୀର ଶୀତଳ କର ମୋତେ । ୪୫ ।
ଗୋବନ ବନୁ ମୋହୋର ତନୁ ଧରିବ ଆର କାହିଁ ।
ତାହାର ଗତ କ୍ରୀଡ଼ା ବଶରେ ଯାଉଛି ମୋର ଦେହି । ୪୬ ।
ଶୁଣ ସୁଜନେ ତଳ୍ପମନେ କୃଷ୍ଣ ବିରହେ ରାଧା ।
ଦହଇ ଚିତ୍ତ ଅତି ଦୁଃଖିତ ମଦନ ଶର ବାଧା । ୪୭ ।
ହରି ଚରିତ ରସ ଅମୃତ ଶ୍ରବଣେ କର ପାନ ।
ହରିବ ଦୁଃଖ ଲଭିବ ସୁଖ ସଂଶୟ ନାହିଁ ଆନ । ୪୮ ।
କୃଷ୍ଣର କ୍ରୀଡ଼ାରସ ବିଶେଷ ଦଶମ ସ୍କନ୍ଦ ବାଣୀ ।
କହଇ ମୂଢ଼ ଧରଣୀଧର ରଖ ନଳିଣ ପାଣି । ୪୯ ।
ଆରତ ଜନ ବିମନ ମନ ପ୍ରସନ୍ନ ଯଦୁନାଥ ।
ଭକ୍ତ ବତ୍ସଳ ଦିନ ଦୟାଳୁ ଚରଣେ ମୋର ମାଥ । ୫୦ ।

ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ସପ୍ତମଃ ସର୍ଗଃ ।

---

ଏକାଦଶ ଛନ୍ଦଃ ।

ରାଗ ରାଜବିଜେ ।

ଏଥୁ ଅନନ୍ତରେ ଶୁଣ ସାଧୁ ଜନେ ତାପ ପାଇ ମନେ ରାଧା ।
ଉଜାଗର ହୋଇ ପୁହାଇ ରଜନୀ କରଛି ମଦନ ବାଧା ।
ସୁଜନେ ହେ । ୧ ।
ଅରୁଣ ଉଦୟେ ପ୍ରଭୁ ଦେବରାୟେ କାମ ସରେ କ୍ଷୀଣ କାୟେ ।
ରାଧା ଅଗ୍ରତେ ମିଳି କହେ ଅନନ୍ତ ନମ୍ରତା ଅତି ବିନୟେ ।
ସୁଜନେ ହେ । ୨ ।

ଗୋବନ୍ଦଙ୍କୁ ଦେଖି ପୂର୍ଣ୍ଣ ଶଶିମୁଖୀ କୋପେଣ ପୂରିତ ଦେହ ।
ନିଶ୍ୱସ ବାଣୀ କହଇ ପୁଣପୁଣେ ମୋର ସନ୍ନିଧିରୁଂ ଯାଅ ।
ମାଧବ ହେ । ୩ ।
ତୋର ଧୂର୍ତ୍ତ ପଣ ଯେତେକ ବଚନ ନ କହ ପଦ୍ମଂଲୋଚନ ।
ଯେତେ କାମ ଖେଦ ହରଲା ବିଷାଦ ତା ପାଶେ କର ଗମନ ।
ମାଧବ ହେ । ୪ ।
ନିଦ୍ରା ଦୂର କରି ଯେବଣ ଚତୁରୀ ଭୁଲେ ବଞ୍ଚିଲୁ ରଜନୀ ।
ତାହାର ପିରତି ଯେତେ ତୋର ମତି କହୁଛି ନୟନ ବେନି ।
ମାଧବ ହେ । ୫ ।
ଅମଳ କମଳ ଦଳ ଭଙ୍ଗ ଗେଲ ଅଳସେ କସା ସଙ୍କାଶ ।
ସଙ୍କୁଚ ନୟନ ନିଦ୍ରାଙ୍କୁଂରେ ଘନ ବଦନ ଅତି ବିରସ ।
ମାଧବ ହେ । ୬ ।
କେଳିର କାଳରେ ତାଙ୍କୁ ସ୍ନେହ ଭରେ ଲୋଚନେ ଦେଲୁ ଚୁମ୍ବନ ।
ଏତୋର ସୁରଙ୍ଗ ଅଧର ବିରଙ୍ଗ କଜ୍ୱଳେ ଅତି ମଳିଣ ।
ମାଧବ ହେ । ୭ ।
ଅରୁଣର ଜ୍ୟୋତି ଅଧରର କାନ୍ତି ତବ ତନୁ ପ୍ରାୟେ ଆଭା ।
ବଧୂ ବହନେ ଯେହ୍ନେ ନୀଳନଳୀନ ପାଖୁଡ଼ାର ପ୍ରାୟେ ପ୍ରଭା ।
ମାଧବ ହେ । ୮ ।
ତାର କରରୁହ କ୍ଷତ ତୋର ଦେହ ଯେମନ୍ତ ଦଶଇ ଶୁଣ ।
ଜମ୍ବୁନଦ ରେଖା ଲେଖି ଥିଲେ ଶିଖା ଜାଣି ମ୍ରକତ ପାଷାଣ ।
ମାଧବ ହେ । ୯ ।
ମଦନ ସମରେ ଗାଢ଼ ସୁରତରେ ଜିଣିଲା ତୋତେ ଅବଳା ।
ଜୟ କରି ପତ୍ର ଲେଖିଛୁ ଚତୁରୀ ଜାଣଇ ବିବିଧ କଳା ।
ମାଧବ ହେ । ୧୦ ।
କହୁଂ ଅଛୁଂ ପୁଣି ଶୁଣ ମୋର ବାଣୀ ତାହାକୁ ସ୍ନେହ ତୋ ଅତି ।
କ୍ରୀଡ଼ା ରସ ଜଳେ ନିମଜ୍ଜିଲୁ ତାଲେ ତୋହାରିଲୁନା ଭୋଳ ମତି ।
ମାଧବ ହେ । ୧୧ ।
ତାହାର ଚରଣ ସେବି ହୃଦୟେଣ ଧରିଲ ଭୁମ୍ବିର ଅଣି ।
ଅଳତା ରଙ୍ଗ ଯେସନେ ଦଶେ ଅଙ୍ଗ ଶୁଣ କହି ବେନୁ ପାଣି ।
ମାଧବ ହେ । ୧୨ ।

ହୃଦୟ ଭିତର କାମ ତରୁବର ନବ ପୁଲକିତ ହୋଏ ।
ବାହାରକୁ କି ଏ ପ୍ରକାଶ ହୋଇଛି ଦଶଇ ତେସନ ପ୍ରାଏ ।
ମାଧବ ହେ । ୧୩ ।
ଏ ତୋର ଅଧର ଦଶନେ ଦଶନ ଘାତ ଦେଇ ଅଛୁ ରାମା ।
ଦେଖିଣ ବିଷାଦ ମନେ ମୋର ଦୁଃଖ ଧନ୍ୟ ସେ ବାଲା ମହିମା ।
ମାଧବ ହେ । ୧୪ ।
କହିଲ ଯେତେକ କଥା ଏକୁଁ ଏକ ଲୁଚାଇବୁ ଅବା କାହିଂ ।
ମୋହୋର ତୋହୋର ଅଭେଦ କହୁଛୁ ଧୂର୍ତ ପଣ କାହିଁ ପାଁଇ ।
ମାଧବ ହେ । ୧୫ ।
ବାହାର ଭିତରେ ଶୁଦ୍ଧ ନାହିଁ ତୋର କଥାରେ ନ ଭଣ୍ଡ ହରି ।
ହେଉଛିଂ ଭଗତ ଯାଅ ହେ ଶ୍ରୀପତି ଯହିଁ ସେ ଅଛି ନାଗରୀ ।
ମାଧବ ହେ । ୧୬ ।
ନିୟେହେଂ ମକରଧ୍ୱଜ ରାୟେ ଶର ତନୁରେ ପଡ଼ି ମୋହୋର ।
ବହୁତ ଦୁର୍ଣ୍ଣିୟ କରି ଦହେ ତନୁ କହିବ କାହା ଆଗର ।
ମାଧବ ହେ । ୧୭ ।
ଅବଲା କାମିନୀ ହୋଇ ଏକାକିନୀ ବନେ ବନେ ଭ୍ରମୁ ଥାଇଂ ।
ରଜନୀ ଦିବସ ନ ଜାଣଇ ଶେଷ ଗମଇଂ ତୋହୋର ପାଇଂ ।
ମାଧବ ହେ । ୧୮ ।
ଏ ତୋର ନିଷ୍ଠୁର ହୃଦୟ କଠୋର ଭଲେ ଜାଣଇଂ ମୁଁ ନନା ।
ବାଲ କାଳେ କ୍ଷୀର ପାନ କରୁ ହେଲେ ବଧ କଲୁ ତୁ ପୁତନା ।
ମାଧବ ହେ । ୧୯ ।
ସ୍ତ୍ରୀ ହତ୍ୟା କଲୁ ତୁ କିଛି ନ ମଣିଲୁ ତୋତେ ନ ଲାଗିଲା ସେହ ।
ମୋତେ ଅରଣ୍ୟ ଭିତରେ ବୁଲାଇବା ଏକିସ ଚିହ୍ନ ଅଟଇ ।
ମାଧବ ହେ । ୨୦ ।
ପୁନରପି ଶୁଣ ବଚନ ମୋହୋର ପ୍ରିୟାଙ୍କୁ ତୋ ଅନୁରାଗ ।
ଅଲତାର ଶୋଭା ଅରୁଣର ଆଭା ବହିଛୁ ହୃଦୟ ଭାଗ ।
ମାଧବ ହେ । ୨୧ ।
ତାଙ୍କୁ ସ୍ନେହଭର ମୋହୋର ଆଗର ଦେଖାଉ ଅଛୁଁ ମୁରାରି ।
ଶୋକେ ଦହେ ତନୁ ଲଜ୍ଜା ଅତି ମଣୁ ଚତୁରୀ ଅଟୁ ଶ୍ରୀହରି ।
ମାଧବ ହେ । ୨୨ ।

ବନସ୍ଥ ବାଣୀ ଯେତେକ ଚକ୍ରପାଣି କହିଲେ ରାଧା ସମୀପ ।
କେବେହେଁ ଶାନ୍ତ ନ ଗଲା ସେ ସୁମୁଖୀ ବଧୂ ବଦନର ତାପ ।
ସୁଜନେ ହେ । ୨୩ ।
କୃଷ୍ଣ କ୍ରୀଡାରସ ଛାନ୍ଦ ଏକାଦଶ ସରସ ମଧୁର ବାଣୀ ।
ରସିକ ଜନର ରସ ଭର ମନ ସଦନ କ ଏହୁ ଜାଣି ।
ସୁଜନେ ହେ । ୨୪ ।
ନୀଳେନ୍ଦୀବର ଲୋଚନ କଳେବର ନୀଳ ଜଳଧର ଆଭା ।
ଧରଣୀଧର ସ୍ୱର ମନ ଗୃତକ ଭୂଷିତ ମୁକୁନ୍ଦ ସେବା ।
ସୁଜନେ ହେ । ୨୫ ।
ଇତି ଶ୍ରୀଗୀତ ଗୋବନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ଅଷ୍ଟମଃ ସର୍ଗଃ ।

ଦ୍ୱାଦଶ ଛାନ୍ଦଃ ।

ରାଗ ମଙ୍ଗଳ ।

ଏଥୁ ଅନନ୍ତରେ କଥା । ଗ୍ରନ୍ଥକାର ମନେ ବ୍ୟଥା । ୧ ।
କୁସୁମ ଶରରେ ଖିନ୍ନ । ରତି ରସ ବିନୁ ଦୀନ । ୨ ।
ବିଷାଦ ହୋଇଣ ବସି । ହରି କଥା ମନେ ଘୋଷି । ୩ ।
କୃଷ୍ଣରେ କଳହ କରି । ଗଳଇ ନୟନୁ ବାରି । ୪ ।
ଏସନ ଦେଖି ସଜନୀ । କହଇ ମଧୁର ବାଣୀ । ୫ ।
ଶୁଣ ସଖୀ ବାଣୀ ମୋର । ମାଧବେ ମାନ ନ କର । ୬ ।
ବହଇ ମଳୟାନିଳ । ଦେଖ ଏ ବସନ୍ତ କାଳ । ୭ ।
ଏସନ ସମୟେ ହରି । ଆସଇ ତୋ ଅନୁସରି । ୮ ।
ଏଥୁ କି ସଫଳ ଦେଖି । ଲଭିବ ଯେ ସୁଖ ସଖି । ୯ ।
ଏ ତୋର କୁଚ ଯୁଗଳ । ସରସ କଇଁଳ ଫଳ । ୧୦ ।
ଏହା କି ବିଫଳ କରୁ । କୃଷ୍ଣଙ୍କୁ ଅନ୍ତର ଧରୁ । ୧୧ ।
ହରିର ଚରଣ ଯେତେ । ନ ଧେନ୍ତୁ ହୃଦୟ ଗତେ । ୧୨ ।
ଗୋବିନ୍ଦ ନ ଛାଡ ମିତ । ବ୍ରଜଙ୍ଗେ ସୁନ୍ଦର କାନ୍ତ । ୧୩ ।
ବିସାଦ କପାଇଁ ମନ । ବିକଳେ କରୁ ରୋଦନ । ୧୪ ।
ତୋହୋର ଏସନ ଦେଖି । ହସିବେ ସକଳ ସଖୀ । ୧୫ ।
କୋମଳ ନଳିନୀ ଦଳ । ସୁସଜ୍ଜ ଶଯ୍ୟା ଶୀତଳ । ୧୬ ।

ତହିଁରେ ଦେଖ ହୁଅନ୍ତି । ସଫଳ ହେଉ ଗୋ ଆଖି । ୧୭ ।
ନ ଧର ଗରୁତା ମନ । ମୋର ହିତ ବାଣୀ ଶୁଣ । ୧୮ ।
କୃଷ୍ଣଙ୍କୁ କହ ମଧୁର । ନ କର ମନ ବଧୁର । ୧୯ ।
ଶୋଭି ପୁରୁଷ ମାଧବ । ଦେବଙ୍କ ଉପରେ ଦେବ । ୨୦ ।
ସେ ଆସେ ତୋରେ ବିନୟେ । ମଧୁର ମୃଦୁରେ କହେ । ୨୧ ।
ଉଦ୍ଦେଶ ତାଙ୍କୁ ନ କହୁ । ବିମୁଖରେ ତାପ ପାଉ । ୨୨ ।
ଏ ତୋର ନୋହେ ବିହିତ । କାଲେ ହେବ ବିପରୀତ । ୨୩ ।
ଚନ୍ଦନ ହୋଇବ ବିଷ । ଚନ୍ଦ୍ର କର ଭାନୁ ଶ୍ୱାସ । ୨୪ ।
ହିମରୁ ହିମ ପବନ । ହେବ ଅନଳ ସମାନ । ୨୫ ।
କ୍ରୀଡା ରସ ଯେନ ଚିତ୍ତେ । ବାଧା କରେ ହୃଦଗତେ । ୨୬ ।
ଯେନ ସଖି ଏ ଉତ୍ତର । ହରି ତୋ ପ୍ରାଣ ଈଶ୍ୱର । ୨୭ ।
ଶୁଣ ସୁଜ୍ଞ ଜନ ପ୍ରାଣୀ । ସଖୀ ବୋଧ ରସ ବାଣୀ । ୨୮ ।
କେତେ କଥା କହେ ଦୂତୀ । ମଉନ ସରୋଜ ନେତ୍ରୀ । ୨୯ ।
ଶ୍ରୀକୃଷ୍ଣ କ୍ରୀଡାର ରସ । ଛନ୍ଦ ଉଦିତ ଦ୍ୱାଦଶ । ୩୦ ।
ଗୋବିନ୍ଦ ପାଦ ଯୁଗଲ । ନବ ବିକଚ କମଲ । ୩୧ ।
ମକରନ୍ଦ ଅନ୍ୱେଷେ ଭୃଙ୍ଗ । ଧରଣୀଧର ସରାଗ । ୩୨ ।

ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ନବମଃ ସର୍ଗଃ ।

ତ୍ରୟୋଦଶ ଛନ୍ଦଃ ।

ରାଗ ବଙ୍ଗାଳଶ୍ରୀ ।

ଏଥୁ ଅନ୍ତରେ ସୁଜନେ ଶୁଣ ରସ ଅମିୟ ମଧୁର ବାଣୀ ।
ଯେତେ କହଇ ସହଚରୀ ବଚନ ତହିଂ ଦହଇ ତରୁଣୀ । ୧ ।
କୃଷ୍ଣଙ୍କୁ ନ ଦେଖି କ୍ରୋଧ ଭର ବାମା ଅନ୍ତରେ ଦହଇ ମନ ।
ନିଶ୍ୱାସର ତାପ ସହି ନ ପାରଇ ବିରସ ହୋଇ ବଦନ । ୨ ।
ଏଥୁ ଅନନ୍ତରେ ଦିବସ ଅନ୍ତେଣ ବିଜୟେ କଲେ ମୁକୁନ୍ଦ ।
ସଲଜ୍ଜେ ରାଧା ବଦନକୁ ଚାହିଂଣ କହନ୍ତି ପରମାନନ୍ଦ । ୩ ।
ଶୁଣ ପ୍ରିୟେ ମୋର ପ୍ରାଣ ବନ୍ଧୁ ଦୂର କର ତୁହି ମୋରେ ମାନ ।
ନିରତେ କାମ ଅନଳ ଦହେ ମନ ଦିଅ ମୁଖ ମଧୁ ପାନ । ୪ ।
କିଞ୍ଚିତ ବଚନ କହସି ଗୋ ଦନ୍ତ ପନ୍ତି ରୁଚିର ତୋହୋର ।
ଚନ୍ଦ୍ର କିରଣ ଏ ପ୍ରକାଶ କରି ହରୁ କାମ ତମିର ଘୋର । ୫ ।

ମୋର ଲୋଚନ ବେନି ଚକୋର ସୁଧା ଲାଳସେ ଚଞ୍ଚଳ ମତି ।
ଉଲ୍ଲସିତେ ତୋର ଚନ୍ଦ୍ର ମୁଖ ଟେକି ଚାହିଁଲେ ହୋଇବ ଶାନ୍ତ ।୬।
ନିଶ୍ଚୟେ ମାରିବାକୁ କୋପ ତୋ ଯେବେ ମୋହୋରେ ଅଛଇ ମନ ।
ଦିଅସି ତୁ ନୟନ ଶର ଘାତ ଗୋ ଭୁଜେ କରସି ବନ୍ଧନ ।୭।
ଦସନେ ଖଣ୍ଡନ କର କଲେ ବର ଯେହ୍ନେ ତୋଷ ହୋଏ ଚିତ୍ତ ।
ଏମନ୍ତେ ବିବିଧ ପ୍ରକରେଣ ଦଣ୍ଡ ସଖୀର ଯେହ୍ନୁ ଉଚିତ ।୮।
ତୁହି ସେ ମୋହୋର ଭୂଷଣ ଜୀବନ ତୁହି ଭବ ଜଳ ରତ୍ନ ।
ତୁହି ସେ ନରତେ ଅନୁରାଗୀ ମୋର ତୁ ମୋ ହୃଦ ଅତି ଯତ୍ନ ।୯।
ଶୁଣ ସଜନି ତବ ଲୋଚନ ମନସିଜର ଅଟଇ ବାଣ ।
ମୋହୋର ହୃଦୟ ତଟକୁ ଭେଦଣ ଅକୁଳ ହେଉଛି ପ୍ରାଣ ।୧୦।
ନୀଳ ନଳିନ ପ୍ରାୟେ ବର୍ଣ୍ଣି ଏହାର ହୋଏ କୋକନଦ ଛାତ ।
କୁସୁମ ବାଣ ଭବେ ଏବେ ରଞ୍ଜିଛି କୃଷ୍ଣ ହୋଇଛି ତେମନ୍ତ ।୧୧।
ଏତୋର ମଣି ମୁକ୍ତାର ହାର ଭୂଷଣ କରଛୁ ହୃଦୟର ।
ନିର୍ମଳ ତରଳ ଏହୁ ଖେଳେ ସଖି କୁଚ ମଣ୍ଡଳ ଉପର ।୧୨।
ତୋର ଘନ ଜଘନ ଦେଶରେ ଖଞ୍ଜ ମେଖଳା କିଙ୍କିଣୀ ମାଳ ।
ମନମଥ ଆଜ୍ଞା ପ୍ରକାଶ କରୁଏ ଏଘୋଷ ଧ୍ୱନି ସକଳ ।୧୩।
ଶୁଣସି ତୁ କୋମଳ ବଚନୀ ଶ୍ରମା କରସି ମୋର ବଚନ ।
ଏତୋର ଚରଣ ଦିଅସି କରଇଂ ଏଣେ ଅଲତା ରଞ୍ଜନ ।୧୪।
ଯେବଣ ପାଦ ସ୍ଥଳକମଳ ଗଞ୍ଜେ କୋଟିଏ ଲାବନ୍ୟ ଜାଣି ।
ହୃଦୟ ମନ ମୋର ପୁଣି ରଞ୍ଜଇ ରତି ରଙ୍ଗ ହୃଦ ଜାଣି ।୧୫।
ମଦନ ଗରଳ ଖଣ୍ଡସି ଗୋ ଦିଅ ପାଦ ପଲ୍ଲବ ମୋ ଶିର ।
ହରୁ ଦାରୁଣ କାମ ଅନଳ ଶୀତଳ ହେଉ ସର୍ବାଙ୍ଗ ମୋର ।୧୬।
ଏତୋର ଯୌବନ ଜଘନ ଶଙ୍କଟେ ପଡିଣ ରହିଲା ମନ ।
କେବେହେଁ ଅବକାସ ନ ପାଇଲା ଯେଣୁ ତୋର ଉପୁଜିଲା ମାନ ।୧୭।
ଛାଡ ଏବେ ସଙ୍କିତ ଆତଙ୍କ ମନ ପ୍ରବେଶ ହୋଇ କାନନ ।
କୋପିତ ଅନ୍ତର ନ କରଣ ମୋତେ ଶୀଘ୍ରେ ଦିଅ ଅଲିଙ୍ଗନ ।୧୮।
ଯେବେ ତୋର ନିର୍ଦ୍ଦୟ ଚିତ୍ତ କୋପିତ ପୁଣ କହଇଂ ତୋହୋରେ ।
ବାହୁ ଲତା ଉଭ ଦନ୍ତ କ୍ଷତେ କଠିଣ ସ୍ତନ ପୀଡ ମୋହୋରେ ।୧୯।
ଏ ମୋର ଶରୀରେ ପଞ୍ଚ ଶର ମାରୁଛି ମୋତେ ଯେମନ୍ତ ଇଚ୍ଛା ।
ମୃଣାଳ କାଣ୍ଡ ଆଘାତରୁ ମାନିନି ମୋତେ ତୁ କରସି ରକ୍ଷା ।୨୦।

ଶୋଭା ପାଉଅଛୁ ଶଶିମୁଖୀ ଆର ଭଙ୍ଗୁର ଭ୍ରୂଲତା ତୋର ।
ଯୁବା ଜନ ମୋହନ କାଳସର୍ପ ରଙ୍ଗା ଅଧର ସୁଧା ମନ୍ଦ । ୧୧ ।
ବ୍ୟର୍ଥେ ମଉନ ନୁହ ତୁ ସୁନ୍ଦରି ତାପ ଦୂର କର ଚିତ୍ତ ।
ମଧୁରାଳାପରେ ମଧୁବାଣୀ କହସିଗୋ ତାପ ହେଉ ହତ । ୧୨ ।
ଲୀଳାରେ ଅବଲୋକନ କର ମୋରେ ବରଷ ତେଜ ମନରେ ।
ବହୁତ ପ୍ରକାରେ ମୁହିଁ ବୋଲୁଅଛିଁ ପ୍ରସନ୍ନ ହୁଅ ତୁ ମୋରେ । ୧୩ ।
କାଳେ ତୋ ଶ୍ରୀମୁଖକୁ ଆଶ୍ରେ କରି ଜଗତ ଜଣିଲା ମଦନ ।
ପୁଣି ଥୋଇଛୁ ନାସିକା ଛଳ ଫୁଲ ବାଣରେ ପଞ୍ଚମ ବାଣ । ୧୪ ।
ଅଧର ବନ୍ଧୁକ ପୁଷ୍ପ ଜ୍ୟୋତି ଗଣ୍ଡ ଯୁଗଳ ବନ୍ଧୁକ ଆଭା ।
ନବୀନ ଲାବଣ୍ୟ ଲୋଚନ ଜଣି ନାସା ଛଳ କୁସୁମ ଶୋଭା । ୧୫ ।
ଦଶନ ତୋହୋର କୁନ୍ଦ କଢ଼ି ପ୍ରାର୍ଯ୍ୟେ ଏସନ ପଞ୍ଚମ ଶର ।
ନିର୍ମାଣ କରିଛୁ ଧାତା ମର୍ତ୍ତ୍ୟେ ତ୍ରିଭୁବନର ରମଣୀବର । ୧୬ ।
ଅବନୀରେ ଜନ୍ମ ତ୍ରିପୁର ସୁନ୍ଦରୀ ବହୁତ ଯୁବତୀ ପ୍ରଭା ।
ଯାହାର ଯେମନ୍ତ ଉତ୍ତମ ଗୁଣ ଏକେ ଘେନିଲୁ ସର୍ବ ଶୋଭା । ୧୭ ।
ମତ୍ତ ଭରେ ପୂର୍ଣ୍ଣ ଅଲସ ଦୃଷ୍ଟି ମରାଳ ସାର ଗତି ଭାବ ।
ବଦନ ତୋହୋର ଅକଳଙ୍କ ପୂର୍ଣ୍ଣ ଇନ୍ଦୁ ମତ ସଦ ଭାବ । ୧୮ ।
ତୋ ଗମନ ଜନ ମନ ହରଇ ମନୋରମା ସୁନ୍ଦର ଗତି ।
ବିପରୀତ ରମ୍ଭା ଊରୁକୁ ଯୁଗଳ ରମ୍ଭା ଅପସ୍ମର ଭ୍ରାନ୍ତି । ୧୯ ।
ସୁନ୍ଦର ଭ୍ରୂଲତା ସୁରେଖିତା ତୋର ଗୃହ ଚିହ୍ନ ରେଖାବତୀ ।
ରସ ରସରେ କୁଶଳ ଅତି ଘେନ ଅଭିରାମ କଳାବତୀ । ୨୦ ।
ଏମନ୍ତେ ସକଳ ଭୁବନେ ବାଳୀ ଗୋସମ ନାହିଁ କେହି ତୋତେ ।
ବିବିଧ ଗୁଣରେ ସମ୍ପୂର୍ଣ୍ଣ ଅଛୁ ତୁ ବନୋଇ କହିବ କେତେ । ୨୧ ।
ଏସନେ କେତେ ଅନେକ ପ୍ରକାରେଣ ସ୍ତୁତି ନାନା ଉପେ ହରି ।
ରାଧାକୁ ପ୍ରସନ୍ନ କରଣ ମୁରାରି କେଳି କୁଞ୍ଜେ ବଳେ କରି । ୨୨ ।
ଶୁଣ ହେ ସୁଜନେ ହରି ରସ ମନ ସିଞ୍ଚସିନ୍ଧୁ ସୁଧା ରସ ।
କଲୁଷ କାନନ ଦହନ କରଇ ଗୋବିନ୍ଦ ନାମ ହୁତାଶ । ୨୩ ।
କୃଷ୍ଣ କୁତୁହଳ ଏତ୍ରୟୋଦଶ ଛନ୍ଦ ଧରଣୀଧର ସୁରସ ।
ହରି ପାଦ ଘେନ ମୂର୍ଦ୍ଧନ ଦେଶରେ କରଇ କଲୁଷ ନାଶ । ୨୪ ।

ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିତେ ନାମ ଦଶମଃ ସର୍ଗଃ ।

ଚତୁର୍ଦ୍ଦଶ ଛାନ୍ଦଃ ।

ରାଗ କଲସା ।

ଶୁଣହେ ସୁଜନେ ଏବେ ସୁଧାରସ ବାଣୀ ।
ରାଧିକା ଅଗ୍ରତେ ଦୂତୀ କହେ ପୁଣ ପୁଣି ।୧।
ବହୁତ ବିନୟ କରି ମୋର ପ୍ରାଣ ନାଥ ।
ରଚିଲ୍ଲ ଯେବଣ କୁଞ୍ଜ ଶଯ୍ୟା ସୁରଚିତ ।୨।
ରୁଚିର ସୁବେଶ ହୋଇ କୁରଙ୍ଗୀ ନୟନ ।
ହରି ପାଶେ ଅଭିସାର କରସି ସଜନ ।୩।
ପ୍ରସନ୍ନ ହୋଇଣ ମନେ ନ କରସି ଖେଦ ।
ସନ୍ଧ୍ୟାହିଂ ପ୍ରବେଶ ଆସି ଛାଡସି ବିଷାଦ ।୪।
ଏ ତୋର ଜଘନ ଘନ ସ୍ତନ ଭାର ଭରେ ।
ବଳୟ ଚରଣ ଅଛି ପିରଛି ସଖ୍ୟରେ ।୫।
ରଣିତ ଶବଦ କରେ ତୋ ମଣି ନୂପୁର ।
ଗମନ ଶୋଭନ ଏହୁ ମତ୍ତ ମରାଳର ।୬।
ଅନେକ ପ୍ରକାରେ ସ୍ତୁତି କରି ନରହରି ।
ଚରଣେ ତୋହୋର ଅଛି ସବିନୟ କରି ।୭।
ସୁନ୍ଦର ଅଶୋକ ବନ ଲତା ଗୃହ ସ୍ଥାନ ।
ତୋର ଆଶେ ବସି ଅଛି ଶ୍ରୀମଧୁସୂଦନ ।୮।
ଶୁଣ ସଖି ମଧୁକର ମନୋହର ବାଣୀ ।
ମୋହ କରୁ ଅଛି ଯୁବା ବିରହି ତରୁଣୀ ।୯।
ସୁସ୍ୱର ମଧୁର ପିକ ଘନ ଘନ ବାଣୀ ।
ମନସିଜ ଆଜ୍ଞା ତୋତେ ଦେଉଛି ମିଡଣି ।୧୦।
ସଧିରେ ବହନ୍ତେ ସଖି ମଳୟ ମରୁତ ।
ଚଳନ୍ତି ଲତାର ଅଗ୍ରେ ନବ ମୃଦୁ ପତ୍ର ।୧୧।
କର ପଲ୍ଲବରେ କି ଏ ଠାରୁ ଅଛି ତୋତେ ।
ହରି ପାସେ ଅଭିସାର କର ଗୋ ତ୍ୱରିତେ ।୧୨।
ଭରସା ବଳିଲ୍ଲା ଭାବ ସୁରତ ତୋହୋର ।
କରସି ଗମନ ସଖି ବିଳମ୍ବ ନ କର ।୧୩।
ଯେନସି ମୋର ବଚନ ନ ଯେନ ବିମନ ।
ହସ ହସ ହୋଇ ଚଳ ନିକୁଞ୍ଜ ସଦନ ।୧୪।

ମଦନେ ତରଙ୍ଗ ଅତି ତନୁ ବଶ ହୋଇ ।
କୃଷ୍ଣ ଆଲିଙ୍ଗନ କରିବାକୁ ମନ ଦେଇ । ୧୫ ।
ଉଲ୍ଲସିତ ହୋୟେ କୁଚ କୁମ୍ଭ ବେନି ତୋର ।
ଚଞ୍ଚଳ ତର ତରଳ ମୁକ୍ତାର ହାର । ୧୬ ।
ଲଜ୍ଜା ନିବାରଣ ରତି ରସେ ସଜ ହୁଅ ।
ଦେଖନ୍ତୁ ତୋତେ ସକଳ ସଖୀ ପାସେ ଯାଅ । ୧୭ ।
ଶବଦ କରନ୍ତୁ କଟି ମେଖଳା କିଙ୍କିଣୀ ।
ସୁରତ ରସରେ ବର ବିଭ୍ରମ କି ଜାଣି । ୧୮ ।
ମନସିଜ ଶର ଏସୁନ୍ଦର ନଖ ତୋର ।
ଲୀଳା ହଂସ ଗମନୀ ଚଞ୍ଚଳ ଗତି ବର । ୧୯ ।
ଚଳନ୍ତେ କଙ୍କଣ କ୍ୱଣିତ ବଳୟ ଧ୍ୱନି ।
ଉଜାଗର ହୋୟେ ସଖି ଭବ ଗତି ଶୁଣି । ୨୦ ।
ସେ ତୋହୋର କାନ୍ତ ଅତି ଆକୁଳ କାନନେ ।
ଅନ୍ଧାରେ ନିକୁଞ୍ଜେ ଆସି ବସୁରଇ ମନେ । ୨୧ ।
କାମ ବିକାରେଣ ରାଧା ମୋତେ ସ୍ପୃହଂ ଥିବ ।
ଅତି ପ୍ରୀତି କରି ଆଲିଙ୍ଗନ ସେ କରିବ । ୨୨ ।
ଏମନ୍ତ ବସିର ମନେ ଯେବେ ସେ ଦେଖିବ ।
କମ୍ପମାନ ହୋଇ ତନୁ ପୁଲକ ହୋଇବ । ୨୩ ।
ଆନନ୍ଦେଣ ପ୍ରକାଶ ହୋଇଣ ସ୍ୱେଦ ନିର ।
ପାଚ୍ଛେଟି ଯେ ଅସୁ ଥିବ ହୋଇ ତତପର । ୨୪ ।
ଅନେକ ପ୍ରକାରେ ସେ କହନ୍ତି ପ୍ରିୟ ସଖୀ ।
ଶୁଣିଣ ହରଷ ହୋୟେ ସେ ଚନ୍ଦ୍ରମା ମୁଖୀ । ୨୫ ।
ଖଞ୍ଜନ ନୟନରେ ଅଞ୍ଜନ ରେଖା ରଞ୍ଜି ।
କଣ୍ଠରେ ନୀଳ ତମାଳ ଅବତଂସ ଖଞ୍ଜି । ୨୬ ।
ଶିରେ ନୀଳୋତ୍ପଳ ପୁଷ୍ପ ମାଳା ସୁରଚିତ ।
ସ୍ତନ ତଟେ ମୃଗମଦ କସ୍ତୁରୀ ରେଖିତ । ୨୭ ।
ଅସିତ ଉତ୍ପଳେ ତନୁ ଆଚ୍ଛାଦିତ କରି ।
ଅଭିସାର ଚତୁରୀ ଅଟଇ ସେ ନାଗରୀ । ୨୮ ।
ସାଭୁକ୍ୟ ହୃଦୟ ହୋୟେ ହରଣ ନୟନୀ ।
ହରି କ୍ରୀଡା ରସ ମନେ ଅଛଇ ସେ ଯେନି । ୨୯ ।

ଗମଇ ନିକୁଞ୍ଜ ଲତା ଗୃହ ଘୋର ବନେ ।
ପତି ତନୁ ଆଲିଙ୍ଗନ କରଇ ସେ ମନେ । ୩୦ ।
ଅଭିସାରିକାର ବପୁ ଲାବନ୍ୟ ସୁଜ୍ୟୋତ ।
କୁଙ୍କୁମେ ଅଙ୍କିତ ସେ ଶରୀର ବେନି କାନ୍ତି । ୩୧ ।
ତମିର ନୀଳ ତମାଲ ଲତା ଘନ ଆଭା ।
ଶ୍ୟାମା ତନୁ ବର ତଥି ହେମ ଲତା ଶୋଭା । ୩୨ ।
ଚରଣ ନୂପୁର କର ରୁଚିର କଙ୍କଣ ।
ଶବଦ ବାଉତ ସେହୁ କରନ୍ତୁ ବର୍ଦ୍ଧନ । ୩୩ ।
ସଭୟ ମନ୍ଥର ହଂସ ସୁନ୍ଦର ଗମନୀ ।
ପ୍ରବେଶ କୁଞ୍ଜ ସଦନେ ସଖୀ ସଙ୍ଗେ ଘେନ । ୩୪ ।
ତରଳ ବର୍ତ୍ତୁଳାମଳ ମୁକୁତାର ହାର ।
କଟିତଟେ ମେଖଳା କିଙ୍କିଣୀ ସୁବର୍ଣ୍ଣର । ୩୫ ।
ନୂପୁର କର ଭୂଷଣ ବଳୟ ବିରାଜେ ।
ନାନା ମଣିଗଣ ମାନଙ୍କର ଜ୍ୟୋତି ଗଞ୍ଜେ । ୩୬ ।
ନିକୁଞ୍ଜ ଶଦନ ଦ୍ୱାରେ ମିଳିଣ ସୁମୁଖୀ ।
ସଲଜ୍ଜ ହେଇଲା ଶ୍ରୀକୃଷ୍ଣର ମୁଖ ଦେଖି । ୩୭ ।
ଉତ୍ସୁକେ ଅପାଙ୍ଗେ ଈଷତ୍ ବଦନ ଲୁଚାଇ ।
କହଇ ସଜନୀ ତୁ ମୋହୋର ପ୍ରାଣ ସଖୀ । ୩୮ ।
ସୁନ୍ଦର ନିକୁଞ୍ଜ ଲତା କ୍ରୀଡାର ମନ୍ଦିର ।
ପ୍ରବେଶ ହୁଅ ତୁ ମାଧବର ସମୀପର । ୩୯ ।
ମଦନେ ଉନ୍ମତ୍ତ ତୋର ବଦନ ପ୍ରହାସ୍ୟ ।
କର ସଖି ବିବିଧ ପ୍ରକାରେ କେଳି ରସ । ୪୦ ।
ନବୀନ ଅଶୋକ ଦଳ କୋମଳ ଶଯ୍ୟାର ।
ହରି ତୁଲେ କର କ୍ରୀଡା ମନରେ ସାଦର । ୪୧ ।
ଏ ତୋହୋର ଘନ କୁଚ କଳଶ ଉପର ।
ବିଲସିତତର ତାର ମୁକୁତାର ହାର । ୪୨ ।
କୁସୁମ ଚୟ ରଚିତ ଶୁଚି ଲତା ବାସ ।
ମାଧବ ସମୀପେ ସ୍ୱୟେ ହୁଅ ତୁ ପ୍ରବେଶ । ୪୩ ।
ବହଇ ସୁଗନ୍ଧ ମନ୍ଦ ମଳୟ ମରୁତ ।
କର ଇତି ରଙ୍ଗ ଘେନ ସଖି ଯଦୁନାଥ । ୪୪ ।

ସୁସ୍ୱର ଲଳିତ ତୋର ଆଳାପିତ ବାଣୀ ।
ସନ୍ତୋଷ ହେଉ ମାଧବ ଶ୍ରବଣରେ ଶୁଣି । ୪୫ ।
ବହୁତ ପ୍ରକାରେ ଲତା ପଲ୍ଲବ ଗହନେ ।
ହରି କରିଅଛୁ ଶଯ୍ୟା ବିସ୍ତାରି ସଘନେ । ୪୬ ।
ଏ ତୋର ଘନ ଜଘନ ପୀନ କୁଚ ଭାର ।
ସଫଳ ହେଉ ବିହାର କରି ଦାମୋଦର । ୪୭ ।
ପୁଷ୍ପ ମକରନ୍ଦ ପାନେ ଅତି ପ୍ରମୋଦିତ ।
ହୋଇ କରୁଅଛୁ ମଧୁକର କୁଳ ରୁତ । ୪୮ ।
ମନସିଜ ଶରେଣ ପୀଡିତ ତାର ଅଙ୍ଗ ।
କରହି ବିନୋଦ ସଖି ଯେନଣ ଶ୍ରୀରଙ୍ଗ । ୪୯ ।
ଦେଖ ସଖି ସରସ ଏହୁ ବସନ୍ତ କାଳ ।
ସୁସ୍ୱର ମଧୁର ଧ୍ୱନି କରନ୍ତି କୋକିଳ । ୫୦ ।
ଏସନ ସମୟେ ହରି ଭୁଲେ କେଳି କରି ।
ଦାଡିମ୍ବ ବୀଜ ଦର୍ପକ ଦନ୍ତ ପନ୍ତି ତୋର । ୫୧ ।
ଚିର କାଳୁଂ ଚିତ୍ତେ ତୋତେ ଧରିଛୁ ମୁରାରି ।
ଅତି ଶ୍ରମ ପାଇଣ ଅଛଇ କାମ ପୂରି । ୫୨ ।
କନ୍ଦର୍ପ ବାଧାରେ ଇଚ୍ଛା କରିଛୁ ମନର ।
ସୁଧା ପାନ କରିବ ତୋହୋର ବିମ୍ବାଧର । ୫୩ ।
ଏ ତୋହୋର ଅଲଙ୍କାର ସୁବେସିତ ଅଙ୍ଗ ।
କ୍ଷଣେ ମାତ୍ର କର ସଖି ହରି ରସ ସଙ୍ଗ । ୫୪ ।
ମଧୁର ଭ୍ରୂଲତା ଦୃଷ୍ଟି ଲାବଣ୍ୟରେ ଚାହିଁ ।
ଦାସ କରି ଗୋବିନ୍ଦଙ୍କୁ କର ସଖି ବାହି । ୫୫ ।
ଯହିଁ ସେ କେଶବ ତବ ଚରଣ ଅମ୍ବୁଜେ ।
ସେବିତ ହୋଇଛୁ ସେହୁ ତ୍ରିଭୁବନ ରାଜେ । ୫୬ ।
କୋପ ତେଜ ଅନୁରାଗ କରସି ସୁନ୍ଦରି ।
ଦାସ ଗୁଣ ସ୍ୱଭାବ ଏ ଯେଣୁ ସ୍ନେହ ଭରି । ୫୭ ।
ଶୁଣିଣ ରାଧିକା ଯେ ସହଚରୀ ବଚନ ।
ସଭୟ ସଲଜ୍ଜା ଭରେ ଯେନ ଅଛୁ ମନ । ୫୮ ।
ଆନନ୍ଦେ ଲୋଲ ଲୋଚନ ଅପାଙ୍ଗେଣ ଚାହିଁ ।
ଗୋବିନ୍ଦ ବଦନ କର ଅବଲୋକନ ବାଳୀ । ୫୯ ।

ଝଣ ଝୁଣ ନୂପୁର ବାଜଇ ସୀମନ୍ତିନୀ ।
ପ୍ରବେଶ କୁଞ୍ଜ ସଦନେ ମରାଳ ଗମନୀ ।୭୦।
କୃଷ୍ଣର ସନ୍ନିଧିକୁ ଗମଇ ଅତି ଥିର ।
ପ୍ରବେଶ ହୋଇଲା ଯାଇ ଶଯ୍ୟା ଉପର ।୭୧।
ଶୁଣହେ ସୁଜନ ମନ କରଣ ହରଷ ।
କୃଷ୍ଣ କ୍ରୀଡା ରସ ଏହୁ ଛନ୍ଦ ଚତୁର୍ଦ୍ଦଶ ।୭୨।
ମୁକୁନ୍ଦ ଚରଣ ନବ ବିକଚ ସରୋଜ ।
ମଧୁର ସେବନ୍ତି ଧରଣୀଧର ମୂର୍ଦ୍ଧଜ ।୭୩।

---

## ପଞ୍ଚଦଶ ଛନ୍ଦ ।

### ରାଗକେଦାର ଚକ୍ରକେଳି ।

ଏଥୁ ଅନନ୍ତରେ ଶୁଣ ସୁଜନ । ହରି ଚାହିଁଲେ ରାଧାର ବଦନ ।୧।
ଦେଖି ବିବିଧ ଦୁଃଖ ଦୂର କରି । ମୁଖ ପ୍ରସନ୍ନ ଅତି ମନୋହାରୀ ।୨।
ଚନ୍ଦ୍ର ବିମ୍ବ ଦରଶନେ ଯେମନ୍ତ । ଜଳ ନିଧି ଅଲୋଳ ଆଲୋଳିତ ।୩।
ଯହୁଁ ବହୁତ କାଳରୁ ବିଚ୍ଛେଦ । ହରି ଏକ ମନେ କେଳି ବିନୋଦ ।୪।
ତାଙ୍କୁ ଚାହିଂ ହୋଏ୍ଂ ଅତି ହରଷ । ବଦନ କୋଟି ମଦନ ପ୍ରକାଶ ।୫।
ହାର ମୁକୁତା ତାର ସୁବିମଳ । ଲମ୍ବି ପଡିଅଛି ଉର ମଣ୍ଡଳ ।୬।
କି ଏ ଯମୁନା ନଦୀର ତରଙ୍ଗ । ଫୁଟି ବହେ କି କ୍ଷୁଦ୍ର ଜଳ ବିମ୍ବ ।୭।
ଶ୍ୟାମ କୋମଳ କାନ୍ତି କଳେବର । ମଧ୍ୟେଂ ରଚିତ ହରିତ ଅମ୍ବର ।୮।
କି ଏ ବିକସିତ ନୀଳ କମଳ । ପୀତ ପରାଗ ହୋଇଛି ମଣ୍ଡଳ ।୯।
ଅତି ତରଳ ଲୋଚନ ଚଞ୍ଚଳ । ଅନୁରାଗ ଶୋଭା ମୁଖ ମଣ୍ଡଳ ।୧୦।
ଯେହ୍ନେ ନବ ବିକଚ ନଳିନରେ । ଖେଳେ ଖଞ୍ଜନ ଯୁଗ ଶରୋବରେ ।୧୧।
ମୁଖ ପଙ୍କଜ ହୋଇଛି ପ୍ରଫୁଲ୍ଲ । କି ଏ କୁଣ୍ଡଳ ପ୍ରଭା କର ତୁଲ୍ୟ ।୧୨।
ଦର ହସିତ ମୁଖ ମନୋହର । ରତି ଲାଲସେ ଉଲ୍ଲସିତାଧର ।୧୩।
ଚୂଳ କୁଟିଳ ସେ ଅତି ସୁଷମ । ମୁନି ଜନଙ୍କ ମନ ଧ୍ୟାନ ମନ ।୧୪।
କି ଏ ନୀଳ ଜଳଦ ଉପରେଣ । ଶୋଭା ଯେସନେ ଶଶିର କିରଣ ।୧୫।
ଭାଲେ ଚନ୍ଦନ ତିଲକ ଅଙ୍କିତ । ଯେହ୍ନେ ଅନାରେ ଉଦେ ନିଶାନାଥ ।୧୬।
କୋଟି କୋଟି ମନମଥ ଲାବଣ୍ୟ । କେଳି କଳାକୁ ନୋହିଲା ସମାନ ।୧୭।
ତେଣୁ କରି ଦୃଷ୍ଟି ଦେଇ ସେ ବାଳା । ଚିତ୍ତ ଶାନ୍ତି କି କେବେହେଂ ନ ଗଲା ।୧୮।

ଅତି ଅପାଙ୍ଗେ ଚାହାନ୍ତେ ସୁନ୍ଦରୀ । ଚକ୍ଷୁ ଗଲା ଶ୍ରବଣ ପଥ ସରି ।୧୯।
ଗଲେ ଲୋଚନୁ ତାର ଅଶ୍ରୁ ଜଳ । ଆନନ୍ଦେଣ ପଡିଲ୍ ଭୂମିତଳ ।୨୦।
କାନ୍ତ ବଦନ ଦେଖି କାମେ ମତ୍ତ । ତନୁ ବର ସ୍ୱେଦ ନୀରେ ଅଙ୍କିତ ।୨୧।
ଯହୁଁ ଗ୍ରୀଧାର ଏସନ ବଗ୍ଭର । ପ୍ରିୟ ସଖୀ ଜନେ ହୋଇଲେ ବାହାର ।୨୨।
ଅବସ୍ଥବେ ଯେ ମିତ ଯେତେ ଥିଲେ । ମନ ଘେନ କ ସଖୀ ସଙ୍ଗେ ଗଲେ ।୨୩।
ଦରହାସ୍ୟ ଭାବ ହୋଇ ସୁନ୍ଦରୀ । କପଟରେ ଚରଣ କଣ୍ଡୁ କରି ।୨୪।
ଲଜ୍ଜା ନ ଘେନ କୁରଙ୍ଗୀ ନୟନୀ । ଯେହ୍ନେ ମାତଙ୍ଗ ଅଙ୍କୁଶ ନ ମାନି ।୨୫।
କୃଷ୍ଣ ସ୍ନେହ ଭରେ ଯହୁଁ ରସିଲା । ଯାଇ ଶୟନ ଶଯ୍ୟାରେ ବସିଲା ।୨୬।
ମନସିଜ ସରେଣ ହୋଇ ବଶ । ଶୋଭି ଅଧରେ ମନ୍ଦ ମନ୍ଦ ହାସ୍ୟ ।୨୭।
ଅତି ହରଷେ ଆଳସ୍ୟ ବଚନ । ଚାହେଁ କେଳି ଶଯ୍ୟାକୁ ପୁଣପୁଣ ।୨୮।
ଦେଖି ବୋଲନ୍ତି ଜଗତ ଜୀବନ । ପ୍ରିୟେ ଶୁଣସି ମୋହୋର ବଚନ ।୨୯।
ନବ ପଲ୍ଲବ ଶଯ୍ୟାର ଉପର । ଦିଅ ଚରଣ କମଳ ତୋହୋର ।୩୦।
ପାଦ ସୁବେଶ କଣଳୟ ରଙ୍ଗ । ଏହୁ କରବ ବଇର ବଭଙ୍ଗ ।୩୧।
ଦଣ୍ଡେ ପ୍ରସନ୍ନ ହୁଅ ମୋର ସଖି । ତୋର ବହୁନେ ହୋଇ ଅଛୁଂ ଦୁଃଖୀ ।୩୨
ତୋର ଚରଣରେ ନୂପୁର ଚାରୁ । ଚାଲି ଅଇଲୁ ବହୁତ ଦୂରରୁ ।୩୩।
କ୍ଷଣେ ମାତ୍ର ଶୟନ କର ତୁହି । କର କମଳେ ପାଦ ସମାର୍ଜିଇଂ ।୩୪।
ତୋର ବଦନ ସୁଧା ନିଧି ଜାଣି । ତରେ ଅମିୟ ରସ ମଧୁ ବାଣୀ ।୩୫।
ମୋତେ କହ ବଚନ ଅନୁକୂଳ । ଚିର ବରହ ଏକୁଚ ଯୁଗଳ ।୩୬।
ଏହା ନରୋଧ କରନ୍ତି ଅମ୍ବର । କାଢି ପକାଇ କରବଇଂ ଦୂର ।୩୭।
ମୋର ଆଲିଙ୍ଗନ କାଳେ ଯେମନ୍ତ । ରସ ଭରେଣ ଅତି ପୁଲକତ ।୩୮।
କୁଚ ହୋଇଛି ତେସନ ସ୍ୱରୂପ । ଦେହ ହୃଦୟ ହର କାମ ତାପ ।୩୯।
ତାର ବରହ ଅନଳ ପ୍ରଖର । ଦହୁ ଅଛି ମୋହୋର କଳେବର ।୪୦।
ସୁଧା ଅଧର ପାନ ଦେଇ ସଖି । ଦାସ କର ଜୀବ ରଖ ସୁମୁଖି ।୪୧।
ଶଶି ବଦନ ଶୁଣ ମୋର ବାଣୀ । ତୋର ମଣି ମେଖଳା ସୁକିଙ୍କିଣୀ ।୪୨।
ମୁଖରତ ଧ୍ୱନି କରୁ ନୟତ । ପିକ ଯେତେ ଧ୍ୱନି ହେଉ ମୃଦିତ ।୪୩।
ଚିରକାଳୁଂ ଶୁଣି ପିକ ବଚନ । ମୋର ତାପ ପାଇ ଅଛି ଶ୍ରବଣ ।୪୪।
ଯେବେ ଶୁଣିବ ରସନା ଶବଦ । ତେବେ ହରବ ସକଳ ବଷାଦ ।୪୫।
ମୋତେ କ ଦୋଷେ ଏତେ କୋପ କର । ଅତି ଆରତ ଜଳରୁ ଉଦ୍ଧର ।୪୬।
ମୋତେ ଚାହାଁ ତୁ ସରୋଜ ନୟନ । ରଚ ଖେଦ ବଷାଦ ବମୋଚନ ।୪୭।
ତୋର ଅପାଙ୍ଗ ସୁଧା ଜଳଧର । ବୃଷ୍ଟି କରି ମୋ କାମ ଅଗ୍ନି ହର ।୪୮।

ମୋର ବିନୟ ନ ଘେନୁ ସୁମତି । ତୁ ଯେ ପ୍ରାଣ ଉପରେ ପ୍ରାଣପତି ।୪୯।
ଯହୁଁ କାନ୍ତର ଅତି ଗୂଢ଼ ବାଣୀ । ମନେ ଯେ ପ୍ରମୋଦେ ତରୁଣୀ ।୫୦।
ଦର ହାସ୍ୟ ବଦନ ଚାହିଁ ବାଲା । ରତି ରସକୁ ଉତ୍ସୁକ ହୋଇଲା ।୫୧।
ଦେଖି ଭାବିନୀର ଅତି ତରଳ । ହରି ଭୁଜେ ଭିଡଣ କରେ କୋଳ ।୫୨।
ଶୁଣ ସୁଜନେ ହରି ରସ ବାଣୀ । ତାପ ଏଥୁ ତମିରଙ୍କ ତରଣି ।୫୩।
କୃଷ୍ଣ କ୍ରୀଡା ଏହୁ ଅତି ସରସ । ଭାବ କଲି କଲୁଷ ବେଗେ ନାଶ ।୫୪।
ପଞ୍ଚଦଶ ଛନ୍ଦର ଏ ବଚନ । ପଦ୍ମନାଭ ପାଦରେ ହୋଇ ଲୀନ ।୫୫।
ଶୁଣି ଧରଣୀଧର ଏହୁ ଦାସ । ଶ୍ରୀହି କରବେ କମଳା ବିଳାସ ।୫୬।

ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିତେ ସାନନ୍ଦ ଗୋବିନ୍ଦେ
ନାମ ଏକାଦଶଃ ସର୍ଗଃ ।

ଷୋଡଶ ଛନ୍ଦ ।

ରାଗବସନ୍ତ ଭୈରବ ।

ଶୁଣ ସାଧୁ ଜନେ ଏହୁ ଅମିୟ ବଚନ ।
ରାଧା କୃଷ୍ଣ ଏକ କଳେବର ଧୀର ମନ ।୧।
ରସ ଭରେଣ ପୁଲକ ତାପ ଘନ ଘନ ।
ନବତାଲିଙ୍ଗନ କରେ ସୁଧାଧର ପାନ ।୨।
ଆନନ୍ଦ ଜଳରେ ତାଲେ ବୁଡିଲା ସୁନ୍ଦରୀ ।
ମଦନ ବିକାରେ ବିବଧ କହେ ଚତୁରୀ ।୩।
ଲୀଳାରେ ଚଳନ୍ତେ ଚକ୍ଷୁ ପିଞ୍ଛାଡ ନ ଗୃଳି ।
ପ୍ରେମ ରସ ଘନକୁଚ ଭରେ ତାଳି ବାଳୀ ।୪।
ଅତି ମତ୍ତ ଭୋଳ ହୋଇ ସେ ତରୁଣୀ ମଣେ ।
କୃଷ୍ଣର ମୁଖ ସରୋଜ ଚୁମ୍ବେ ପୁଣ ପୁଣି ।୫।
ମନମଥ କଳା କ୍ରୀଡାରେ ମିଳିଲେ ବେନି ।
ସୁରତ ବିନୋଦେ ରମେ ସେ କାନ୍ତ କାମିନୀ ।୬।
ବେନି ହୃଦୟ ଜଡିତ ଏକତନୁ ଚିତ୍ତ ।
ରସ ଜଳଧି ମଜ୍ଜିଲା ଦୁହିଂଙ୍କର ଚିତ୍ତ ।୭।
ଉଲ୍ଲୋଳ ହୋଇଣ କାମ ତଟିନୀ ବଢିଲା ।
ଲୋକ ବିବେକହିଂ କୂଳ ସଙ୍ଗମରେ ଗଲା ।୮।

ଘନ କୁଚଗରେ କ୍ଷତ ନଖ ରେଖା ଘାତ ।
ବିମ୍ବାଧର ପୁଷ୍ଟେ ଉଠେ ମଦନର ଘାତ । ୯ ।
କବରୀ ଆକ୍ରୋଷି ହରି ଦିଅନ୍ତି ଚୁମ୍ବନ ।
ଅଧର ପିୟୂଷ ପାନେ ବିମୋହିତ ମନ । ୧୦ ।
ଗାଢ଼େଣ ପିରତି ବଢିଲା ସେ ବେଣୀ ଜନ ।
ମଦନ ମତ୍ତରେ ନାନା କଉତୁକ ମାନ । ୧୧ ।
ମକରଧ୍ୱଜର ତାର ଯେହ୍ନେ ବକ୍ର ଗତି ।
ଏତେ ପ୍ରକାରେ ତା ଶାନ୍ତିକ ନ ଗଲା ମତି । ୧୨ ।
ରତି ରସ କ୍ରୀଡା ସମର ବିସ୍ତାର କରି ।
କାନ୍ତକୁ ଜିଣିମ ଯତ୍ନଃ ଉତ୍ସୁକ ସୁନ୍ଦରୀ । ୧୩ ।
ବିବିଧ ପ୍ରକାରେ ରତି ବିପରୀତ ଆଦି ।
ରତି ଶାସ୍ତ୍ର ଯେତେ ଲହି ଅଛଇ ସମ୍ବାଦ । ୧୪ ।
ଅତି ଶ୍ରମ ଭରି ହୋଇ ଖଞ୍ଜନ ନୟନୀ ।
କମ୍ପ ଭରି ବାହୁଲତା ଘନ ଘନ ବେନି । ୧୫ ।
ନିପ୍ରାଣ ନ ହୋଇ ସେହୁ ରମଣୀ ରତନ ।
ମୁକୁନ୍ଦ ହୃଦୟ ଦେଶ ରତି ଖେଦ ଭିନ୍ନ । ୧୬ ।
ରସିକ ସୁଜାଣ ସେ ନାଗର ବର ହରି ।
ନିଶୀ ଅବଶେଷ ହେଲା ରତି କେଳି କରି । ୧୭ ।
ବିରସ ବଚନ ରାମା ଶୁଣି ଯଦୁ ସାଁଇ ।
ବିରହ ଭରି ମାନସ ହେଲେ ଦୁଃଖ ବହି । ୧୮ ।
ସ୍ଥାକିତ ହୋଇଣ ସେ ରହିଲା ଶିରୋମଣି ।
କର୍ଷି ଉଠେ ବସନ ସେ ଆଚ୍ଛାଦିତ ଅଣି । ୧୯ ।
ଚାହିଁ ଆପଣା ତନୁ ଇନ୍ଦୀବର ମୁଖୀ ।
ବିରସ ହୋଇଲା ମନେ ଖେଦ ମନ ଦେଖି । ୨୦ ।
ବୋଲଇ ମଦନ ଶର ଦୁଃସହ ଅଟଇ ।
କ୍ଷଣକେ ମନ ମୋହନ କିଛି ନ ଜାଣଇ । ୨୧ ।
ନଖ କ୍ଷତ ଶୋଣିତ ଅନ୍ତରେ ସେ ଯୁବତି ।
ଯେସନେ ପାଟଳୀ କୁସୁମର ଅତି ଜ୍ୟୋତି । ୨୨ ।
ଅନିଦ୍ରାରେ କଷା ତାର ଲୋଚନ ସୁସମ ।
ଅଧର ବିରସ ଯେହ୍ନେ ବିରଙ୍ଗ ବିଦ୍ରୁମ । ୨୩ ।

ଫିଟିଲା କୁନ୍ତଳ ଖସି କୁସୁମ ପଡ଼ିଲା ।
କଟିରେ କଙ୍କିଣୀ ତାର ଶିଥିଳ ହୋଇଲା ।୧୪।
ଏମନ୍ତେଣ ହୃଦେ ଅତି ପରମ ସାନନ୍ଦ ।
ବିବିଧ ପ୍ରକାରେ କ୍ରୀଡା ସାରଲେ ଗୋବିନ୍ଦ ।୧୫।
ପ୍ରିୟାକୁ ବସାଇଂ ପାଶେ ଅତି ସୟେ ବେଶ ।
ବେଶ କରିବାକୁ ଚିତ୍ତ ହୋଇଲା ହରଷ ।୧୬।
ବୋଲଇ ସୁନ୍ଦରୀ ଶୁଣ ଯଦୁକୁଳ ଧନ ।
ଶୀତଳ ଚନ୍ଦନ କୁଚେ କରସି ଲେପନ ।୧୭।
ମୃଗମଦ କସ୍ତୁରୀ ଘେନିଣ ଯଦୁନାଥ ।
ଉରଜରେ ଲେପନ କରସି ତୁ ବିଚିତ୍ର ।୧୮।
ମନମଥ ସଖା ମୋର ଯଉବନ ବେନୀ ।
କ୍ରୀଡା ଆରମ୍ଭକୁ କି ମଙ୍ଗଳ କୁମ୍ଭ ଜାଣି ।୧୯।
ତବ କରଜରେ ଏହୁ ଘାତ ଦେଇ କର ।
ପୀଡା ପାଇଁଅଛି ଶାନ୍ତ କରସି ମୁରାରି ।୨୦।
ଭ୍ରମର କୁଳକୁ ନିନ୍ଦେ ମୋହୋର ଅଞ୍ଜନ ।
ତୋହୋର ଚୁମ୍ବନେ ଏ ହୋଇଣ ଅଛି କ୍ଷୀଣ ।୨୧।
ଯେବଣ ନୟନ ମନମଥଙ୍କ ଶର ।
ଛାଡୁ ଏଥୁଂ କାଳିମାକୁ ଉଜ୍ୱଳ ତୁ କର ।୨୨।
ତରଙ୍ଗ ତରଳତର କଚ ଗୁଚ୍ଛ ପ୍ରାୟେ ।
ବିକାଶ ହୋଇଣ ଖେଳେ ଭ୍ରୁଲତା ଯୁଗ ଯାଏ ।୨୩।
ଏ ମୋହୋର ଶ୍ରବଣ ରୁଚିର ଅତି ବେଶ ।
ଜଗତ ମୋହନକୁ ଏ ମନସିଜ ପାଶ ।୨୪।
ବିବିଧ ରତନ ଜଡି ଘଟିତ କୁଣ୍ଡଳ ।
ଶ୍ରବଣେ ରଚିତ ଅତି ଶୋଭି ଗଣ୍ଡସ୍ଥଳ ।୨୫।
ମଣିଗଣ ଜ୍ୟୋତି ଏହୁ କର ତୁ ପ୍ରକାଶ
ତିମିର ଗଞ୍ଜେ କୁଣ୍ଡଳ ଲୋଲନ୍ତେ ଅଭ୍ୟାସ ।୨୬।
ବିକସିତ ଅରବିନ୍ଦ ପରାୟେ କି ଜ୍ୟୋତି ।
ନିନ୍ଦଇ ବଦନ ଅତି ଲାବଣ୍ୟ ସୁକାନ୍ତି ।୨୭।
ସୁରେଖ ଅଳକା ବଳୀ ଅତି ଯତ୍ନ କର ।
କୁଟିଳ ଗହନ କୁନ୍ତ ଅତି ମନୋହର ।୨୮।

ଯେସନେ ନବ ବକଚ ସରୋଜ ଉପରେ ।
ଭୃଙ୍ଗପନ୍ତି ବସିଛନ୍ତି ମଧୁ ପାନ ଭରେ । ୩୯ ।
ସୁସ୍ପଷ୍ଟ କର କସ୍ତୁରୀ ଅତି ଯତ୍ନ କର ।
ଲଲାଟେ ତିଲକ ଧୀରେ ଲେଖସି ମୁଗଧ୍ । ୪୦ ।
ଯେସନେ ପୂର୍ଣ୍ଣ ଚନ୍ଦ୍ରରେ କଲଙ୍କ ଅଙ୍କିତ ।
ତେସନ ପ୍ରାପ୍ୟେ ଦଶିବ ଚିହ୍ନକ ସଙ୍ଗତ । ୪୧ ।
ଲପନ ପଙ୍କଜେ ଶ୍ରମ ସ୍ୱେଦ ଟୋପିମାନ ।
ବକଚ ନଳିନେ ମଧୁ କଣିକା ଯେସନ । ୪୨ ।
ଏମୋହୋର ଅତି ନୀଳ ଗହଳ ଚିକୁର ।
କଏ ମନମଥ ରଥ ଧ୍ୱଜର ଚାମର । ୪୩ ।
ଝୁଂଟିତ ହୋଇଛି ଏହୁ ସୁରତ ସମର ।
ସୁସମ କର ବନ୍ଧନ ମୋ କବରୀ ଭାର । ୪୪ ।
ବିବିଧ କୁସୁମ ମାଳାରେ ପାଇବ ଶୋଭା ।
ନବତ ତମ ପଟଳେ ଚନ୍ଦ୍ରକର ପ୍ରଭା । ୪୫ ।
ନାନାରତ୍ନ ମଣିଗଣ ମେଖଳା କଙ୍କିଣୀ ।
ଆଭରଣ କର ହର କଟିତଟେ ଆଣି । ୪୬ ।
ସମ୍ବରଦାର ବାରଣ ଜଘନ ସୁନ୍ଦର ।
ମଣି ରସନାରେ ଏହୁ ଅତ୍ୟନ୍ତ ସୁସ୍ୱର । ୪୭ ।
ବିବିଧ ଆଭରଣରେ ଦଶେ ଅତି ଶୋଭା ।
ବିଚିତ୍ର ବସନରେ କି ଉପମାକୁ ଦେବା । ୪୮ ।
ଯେତେକ ପ୍ରକାରେ ସେହୁ କହିଲା ସୁନ୍ଦରୀ ।
ଅତ୍ୟନ୍ତ ଉତ୍ସୁକ ମନ ହୋଇଣ ମୁରାରୀ । ୪୯ ।
କୁଚ ଯୁଗରେ କୁରଙ୍ଗ ନାଭି ପତ୍ରାବଳି ।
ଭାଲ ପଟରେ ତିଲକ କରି ବନମାଳୀ । ୫୦ ।
ଲୋଚନେ ଅଞ୍ଜନ ଦେଇ ସୁରଚିତ କରି ।
ଚଳଇ ଅପାଙ୍ଗ ଯେହ୍ନେ କଲ୍ଲୋଳ ଲହରୀ । ୫୧ ।
ସାତଲେ ସୁବେଶ ବନ୍ଧ କବରୀ ସୁପ୍ରଭା ।
ଯେସନେ ଗଗଣେ ନୀଳ ଜଳଧର ଆଭା । ୫୨ ।
ଆଚ୍ଛାଦିତ କୁସୁମରେ ଅଳକା ପଟଳ ।
ସେହୁ ଉରଜ ବକାଶେ ଅତ୍ୟନ୍ତ ନିର୍ମଳ । ୫୩ ।

ନାସାରେ ଅମଳ ମୁକ୍ତାତାର ତେଜ ଗଞ୍ଜେ ।
ମ୍ରକତ କଙ୍କଣ ଭୁଜ ଯୁଗଳେ ବିରାଜେ । ୫୪ ।
କନକ ରସନା ଏହୁ କିଙ୍କିଣୀର ମାଳା ।
ତନୁ ମଧ୍ୟ ଅମ୍ବର ଉପରେ କରେ ଲୀଳା । ୫୫ ।
ତରଳ ନିର୍ମଳ ହାର ଉରଜ ଉପରେ ।
ଯେସନେ ମେରୁର ଫଣୀ ମେରୁର ଶିଖରେ । ୫୬ ।
ଚରଣେ ନୂପୁର ମଣିମୟ ରତ୍ନ ସାଜେ ।
ଅତି ତାର ରଙ୍ଗ କମ୍ୟେ ଅରୁଣ ବିରାଜେ । ୫୭ ।
କୁଙ୍କୁମ କର୍ପୂର ଚନ୍ଦନ ପନର ନୀର ।
ଲେପନ୍ତେ ଶ୍ରୀକରେ ଯେନ ପ୍ରିୟା ତନୁବର । ୫୮ ।
ନାଗବଲ୍ଲୀ ଦଳ ଆଗେ ସଞ୍ଜୋଗିତ କରି ।
ଅଧର ତଟେ ଦିଅନ୍ତି ଗୋଷ୍ଠୀ ଗୋଷ୍ଠୀ ଧରି । ୫୯ ।
ଅତି ପ୍ରିୟ ହୋଇ ବାଲୀ ଅନୁରାଗ କରି ।
ଦରହାସ୍ୟେ ଚହେଁ କୃଷ୍ଣ ମୁଖ ଅନୁସରି । ୬୦ ।
ସୁବେଶ ହୋଇଣ ରାମା ପାଇଲାକ ଶୋଭା ।
ତ୍ରୈଲୋକ୍ୟ ରମଣୀବର ହରିଅଛୁ ପ୍ରଭା । ୬୧ ।
ନିରତେ ମକରଧ୍ୱଜ ହରିଅଛୁ ସେବା ।
ବ୍ରହ୍ମାଦି ଈଶ୍ୱର ମନ କରିଅଛୁ ଲୋଭା । ୬୨ ।
ଚହିଁଣ ମାଧବ ମନ ହରସିତ ଭାବ ।
ପୁଣିହିଁ ଦଣ୍ଡ ସାଜିଲା ରତିର ବଲ୍ଲଭ । ୬୩ ।
ଶୁଣହେ ସୁଜନ ମନେ ହୋଇଣ ସନ୍ତୋଷ ।
ରାଧା କୃଷ୍ଣଙ୍କର କେଳି ରସ ଏ ବିଶେଷ । ୬୪ ।
କୃଷ୍ଣ ଭକ୍ତି ଭାବରେ ଆଛଇ ଯେବେ ଧ୍ୟାନ ।
ସଙ୍ଗିତର ରୂପ ଲୀଳା ଲଭି ଯେବେ ମନ । ୬୫ ।
ଷୋଡଶ ଛନ୍ଦର ଏହୁ ରସକ୍ରୀଡା ବାଣୀ ।
କେହୁ ପାରେ ପଦେ ପଦେ ବୁଝି ପରି ମାଣି । ୬୬ ।
ପରଂ ବ୍ରହ୍ମ ସ୍ୱରୂପ ସେ ଯେଉଂ ନାରାୟଣ ।
ବେଲୁଂ ବେଲୁଂ ଅବତାର ସଂସାର ହିତେଣ । ୬୭ ।
କ୍ଷୀତି ଭାର ପାଇଁଣ ଅଦେହ ଦେହ ଧାରୀ ।
ନାନା ରସ କ୍ରୀଡାରେ ବିନୋଦ ଅବ ହେର । ୬୮ ।

ସାନ ବଡ ମଧ୍ୟ ଯାର ନାହିଁ ପରାପର ।
ଉଦ୍ଧାର ଭକ୍ତଙ୍କୁ ଅଛି ଶରଣ ସୋଦର । ୭୯ ।
ଇତି ଶ୍ରୀଗୀତ ଗୋବିନ୍ଦେ ଧରଣୀଧର ବର୍ଣ୍ଣିନେ ସ୍ୱାଧୀ
ନଭର୍ତୃକା ବର୍ଣ୍ଣିନେ ସୁପ୍ରୀତ ପୀତାମ୍ବରେ ନାମ ଦ୍ୱାଦଶ ସର୍ଗଃ ।
ସମାପ୍ତଃ ।

End

IMPERIAL LIBRARY